بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ
وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ


ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ଖଣ୍ଡ: ୫

ସଂଖ୍ୟା: ୩୮

ବାର୍ଷିକ ଦେୟ : ୬୦୦/-

ସମ୍ପାଦକ: କମୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ

www.akhbarbadr.in

05-12 ରବିଉଲ୍ ଅୱଲ୍ 1445 ହି.କ, 21-28 ତୁବୁକ୍ 1402 ହି.ଶ 21-28 SEP 2023 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

وَلَقَدۡ صَرَّفۡنَا لِلنَّاسِ
فِیۡ ہٰذَا الۡقُرۡاٰنِ مِنۡ کُلِّ مَثَلٍ ۫
فَاَبٰۤی اَکۡثَرُ النَّاسِ اِلَّا کُفُوۡرًا

(ବନି ଇସ୍ରାଇଲ୍-୨୦)

ଅନୁବାଦ : ଏବଂ ଆମ୍ଭେ ଏହି ପବିତ୍ର କୁରଆନରେ ବାସ୍ତବିକ ପ୍ରତ୍ୟେକ ଆବଶ୍ୟକୀୟ ବିଷୟକୁ ବିଭିନ୍ନ ପ୍ରଣାଳୀରେ ବର୍ଣ୍ଣନା କରିଅଛୁ । କିନ୍ତୁ ଅଧିକାଂଶ ଲୋକ ଏ ସଂକ୍ରାନ୍ତରେ ଅବଜ୍ଞାମୂଳକ ପନ୍ଥା ଅବଲମ୍ବନ କରି ପ୍ରତ୍ୟେକ ବିଷୟକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ 2023 ମସିହ୍ ସେପ୍ଟେମ୍ବର ମାସ 1 ତାରିଖ ଦିନ (Messe Stuttgart)ରୁ ଚକ୍ଷୁ ବର୍ଦ୍ଧକ ଖୁତବା ଜୁମା ପ୍ରଦାନ କଲେ ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

**ଜଣେ ମୁସଲମାନ ଅନ୍ୟ ଜଣେ ମୁସଲମାନ ବ୍ୟକ୍ତିର ଭାଇ ଅଟେ । ତେଣୁ ସେ ନିଜ ଭାଇ ଉପରେ ନା ଅତ୍ୟାଚାର କରିଥାଏ ଓ ନା ହିଁ ନିଜର ଭାଇକୁ ଅନ୍ୟ ଅତ୍ୟାଚାରୀ ବ୍ୟକ୍ତିକୁ ହସ୍ତାନ୍ତର କରିଥାଏ ।**

(2442) ହ. ଅବ୍ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ଜଣେ ମୁସଲମାନ ବ୍ୟକ୍ତି ଅନ୍ୟ ମୁସଲମାନ ବ୍ୟକ୍ତିର ଭାଇ ଅଟେ। ତେଣୁ ସେ ନିଜ ଭାଇ ଉପରେ ନା ଅତ୍ୟାଚାର କରିଥାଏ ଓ ନା ହିଁ ନିଜ ଭାଇକୁ ଅନ୍ୟ ଅତ୍ୟାଚାରୀ ବ୍ୟକ୍ତିକୁ ହସ୍ତାନ୍ତର କରିଥାଏ । ଯେଉଁ ବ୍ୟକ୍ତି ନିଜ ଭାଇ କାର୍ଯ୍ୟରେ ନିମଜ୍ଜିତ ହେବ (ଅର୍ଥାତ ନିଜ ଭାଇକୁ ସାହାଯ୍ୟ କରିବ) ତେବେ ଅଲ୍ଲାଃତାଲା ମଧ୍ୟ ତା' କାର୍ଯ୍ୟରେ ନିମଜ୍ଜିତ ହେବେ (ଅର୍ଥାତ୍ ତା'କୁ ସାହାଯ୍ୟ କରିବେ)। ଯେଉଁ ବ୍ୟକ୍ତି ନିଜ ଭାଇର ସମସ୍ୟା ତଥା ଅସୁବିଧାକୁ ଦୂର କରିବ ତେବେ ଅଲ୍ଲାଃତାଲା ପ୍ରଳୟ ଦିବସ ଦିନ ତା'ର ସମସ୍ୟା ତଥା ଦୁଃଖ ଦୁର୍ଦ୍ଦଶା ମଧ୍ୟରୁ ଗୋଟିଏ ସମସ୍ୟାକୁ ଅବଶ୍ୟ ଦୂର କରିଦେବେ । ସେହିପରି ଯେଉଁ ବ୍ୟକ୍ତି ଜଣେ ମୁସଲମାନ ଭାଇର ଦୋଷ ଦୁର୍ବଳତାକୁ ଲୁଚାଏ ତେବେ ଅଲ୍ଲାଃତାଲା ମଧ୍ୟ ପ୍ରଳୟ ଦିବସରେ ତା'ର ଦୋଷ ଦୁର୍ବଳତାକୁ ଅବଶ୍ୟ ଲୁଚାଇବେ ।

(2444) ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ନିଜ ଭାଇର ସର୍ବଦା ସାହାଯ୍ୟ କର । ସେ ପଛେ ଅତ୍ୟାଚାରୀ ହେଉ ଅବା ନିଷ୍ପେଷିତ ହେଉ । ସର୍ବଦା ତା'କୁ ସାହାଯ୍ୟ କରିବା ଉଚିତ୍ । ସାହାବାମାନେ କହିଲେ: ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆମାମାନେ ନିଷ୍ପେଷିତ ବ୍ୟକ୍ତିକୁ ତ' ସାହାଯ୍ୟ କରି ଦେବୁ । କାରଣ ନିଷ୍ପେଷିତ ଓ ଅତ୍ୟାଚାରିତ ଅଟେ । କିନ୍ତୁ ଭାଇ ଯଦି ଅତ୍ୟାଚାରୀ ହୁଏ ତେବେ ସେପରିପ୍ରକ୍ଷୀରେ ତା'କୁ କିପରି ସାହାଯ୍ୟ କରିବୁ ? ଆପଣ ଅ.ସ କହିଲେ: ହେ ସାହାବାମାନେ ! ସେପରିପ୍ରେକ୍ଷୀରେ ତୁମେମାନେ ନିଜ ଭାଇର ହସ୍ତକୁ ଧରି ପକାଅ ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମମସିହା, କାଦିଆନ୍)**

## ପ୍ରତିଶୃତ ମସିହ୍ ଅ.ସଙ୍କ ନିତୀବାଣୀ:-

**ଯେଉଁମାନେ ଅନ୍ୟଙ୍କର ହିତ ସାଧାନ କରନ୍ତି ଓ ହିତ ସାଧାନକାରୀ ଅସ୍ତିତ୍ୱ ହୁଅନ୍ତି ତେବେ ସେଭଳି ବ୍ୟକ୍ତିମାନଙ୍କର ଆୟୁଷ ଦୀର୍ଘ ହୋଇଥାଏ (ଅର୍ଥାତ ସେମାନେ ଦୀର୍ଘାୟୁ ହୁଅନ୍ତି) ।**

**ଏକଥା ନିରାଟ ସତ୍ୟ ଯେ, ଯେଉଁ ବ୍ୟକ୍ତି ସଂସାର ଲୋକରେ ଅନ୍ୟମାନଙ୍କର ହିତ ସାଧନ କରେ ତେବେ ଉକ୍ତ ବ୍ୟକ୍ତି ଦୀର୍ଘାୟୁ ହୋଇଥାଏ । ସେହିପରି ଯେଉଁ ବ୍ୟକ୍ତି ଅନ୍ୟମାନଙ୍କର ହିତ ସାଧନ ନକରି ବରଂ ଅନିଷ୍ଟ ସାଧନ କରେ ଓ ଅନ୍ୟ ପାଇଁ କ୍ଷତିକାରକ ସାଜେ ତେବେ ସେହି ବ୍ୟକ୍ତି ଏହି ମର୍ତ୍ତମଣ୍ଡଳରୁ ଶୀଘ୍ର ବିଦାୟ ନେଇଥାଏ । ଅର୍ଥାତ୍ ମୃତ୍ୟୁବରଣ କରିଥାଏ ।**

### .....(ଦୀର୍ଘାୟୁ ହେବାର ମନ୍ତ୍ର).....

ଅନ୍ୟମାନଙ୍କ ସକାଶେ ଦୁଆ କରିବାରେ ଏକ ବୃହତ୍ ଲାଭ ଅନ୍ତର୍ନିହିତ ରହିଛି । ଏହି ସମସ୍ତ କଥାର ସରମର୍ମ ଏହିକି ଯେ, ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ତଥା ସେମାନଙ୍କର ହିତ ସାଧନ କରିବା ଫଳରେ ମନୁଷ୍ୟ ଦୀର୍ଘାୟୁ ହୋଇଥାଏ । ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ଏହି ପ୍ରତିଶୃତି ଦେଇଛନ୍ତି ଯେ, ଯେଉଁ ଲୋକମାନେ ଅନ୍ୟମାନଙ୍କର ହିତ ସାଧନକାରୀ ଅସ୍ତିତ୍ୱ ହୁଅନ୍ତି ତେବେ ସେଭଳି ବ୍ୟକ୍ତିମାନେ ଦୀର୍ଘାୟୁ ହୁଅନ୍ତି । ସେମାନଙ୍କର ଆୟୁଷ ବୃଦ୍ଧି ପାଇଥାଏ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: **ୱଅମ୍ମା ମା ୟନଫଉନ୍ନାସା ଫୟମକୁସୁ ଫିଲ୍ ଅର୍ଜ (ଅର୍ ରାଆଦ୍:18)** ଏବଂ ଅନ୍ୟ ପ୍ରକାରର ସହାନୁଭୂତି ଯଦିଓ ସୀମିତ ଅଟନ୍ତି । ଅତଃ ଉକ୍ତ ବିଶେଷତାର ସହିତ ଯେଉଁ ପୁଣ୍ୟ ଅବ୍ୟାହତ ରୂପେ ବିବେଚିତ କରାଯାଇପାରିବ ତାହା ଏହିକି ଯେ, ଦୁଆର ପୁଣ୍ୟ ଅବ୍ୟାହତ ରହୁ । ଯେତେବେଳେ ପୁଣ୍ୟରୁ ଅଧିକ ଲାଭ ପ୍ରାପ୍ତି ହୁଏ ସେତେବେଳେ ଉକ୍ତ ଆୟତ୍‌ର ଲାଭ ଆମେମାନେ ଆମେ ସମସ୍ତେ ସର୍ବାଧିକ ରୂପେ ଦୁଆ ମାଧ୍ୟମରେ ହିଁ ଉଠାଇ ପାରିବା । ଏକଥା ନିରାଟ ସତ୍ୟ ଯେ, ଯେଉଁ ବ୍ୟକ୍ତି ସଂସାର ଲୋକରେ ଅନ୍ୟମାନଙ୍କର ହିତ ସାଧନ କରେ ତେବେ ଉକ୍ତ ବ୍ୟକ୍ତିର ଆୟୁଷ ବୃଦ୍ଧି ପାଇଥାଏ (ଅର୍ଥାତ ସେ ଦୀର୍ଘାୟୁ ହୋଇଥାଏ) । ସେହିପରି ଯେଉଁ ବ୍ୟକ୍ତି ଅନ୍ୟମାନଙ୍କର ହିତ ସାଧନ ନକରି ବରଂ ଅନିଷ୍ଟ ସାଧନ କରେ ଓ ଅନିଷ୍ଟର କାରଣ ସାଜିଥାଏ ତେବେ ସେହି ବ୍ୟକ୍ତି ଏହି ମର୍ତ୍ତ୍ୟମଣ୍ଡଳରୁ ଶୀଘ୍ର ବିଦାୟ ନେଇଥାଏ (ଅର୍ଥାତ୍ ମୃତ୍ୟୁବରଣ କରିଥାଏ) । କୁହଯାଏ ଯେ, ଶେର୍ ସିଂ ଜୀବନ୍ତ ପକ୍ଷୀମାନଙ୍କୁ ଧରି ଅଗ୍ନୀ ଉପରେ ରଖୁଥିଲା । ଅର୍ଥାତ୍ ଦଗ୍ଧୀଭୂତ କରି ଦେଉଥିଲା । କିନ୍ତୁ ସେ ଦୁଇ ବର୍ଷ ମଧ୍ୟରେ ହିଁ ମୃତ୍ୟୁବରଣ କଲା । ସୁତରାଂ ମନୁଷ୍ୟ ପକ୍ଷେ ଏହା ଅପରିହାର୍ଯ୍ୟ ଯେ,**ଖୈରୁନ୍ ନାସି ମଇଁ ୟନଫଉନ୍ ନାସା** ହେବା ନିମନ୍ତେ ପ୍ରୟାସ କରୁ ଓ ପୂର୍ବ ନୀତି ଶିକ୍ଷା ଅଧ୍ୟୟନ

କରୁଥାଉ । ଯେପରି ଚିକିତ୍ସା ଶାସ୍ତ୍ରରେ ଆଳ ବା ପଥ୍ୟ ଦାୟିତ୍ୱ ନିର୍ବାହ କରିଥାଏ । ଠିକ୍ ସେହିପରି ଅନ୍ୟର ହିତ ସାଧନ କରିବା ଓ ଉପକାର ସାଧନ କରିବାରେ ମଧ୍ୟ ଆଳ ଦାୟିତ୍ୱ ନିର୍ବାହ କରିଥାଏ । ତେଣୁ ଏହା ଏକାନ୍ତ ଅପରିହାର୍ଯ୍ୟ ଯେ, ମନୁଷ୍ୟ ସର୍ବଦା ଏହି ସୁଯୋଗକୁ ଚାତକ ପକ୍ଷୀ ପରି ଅପେକ୍ଷା କରି ବସୁ ଏବଂ ଚିନ୍ତାମଗ୍ନ ହୋଇ କିପରି ଅନ୍ୟର ହିତ ସାଧନ କରିପାରିବ ଓ ଅନ୍ୟର କିପରି ଉପକାର ହୋଇପାରିବ ସେ ଦିଗରେ ସେ ଚେଷ୍ଟିତ ରହୁ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-479, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆ ☆ ☆

**ପ୍ରତ୍ୟେକ ଶ୍ରେଣୀ ଓ ପ୍ରତ୍ୟେକ ବର୍ଗର ଲୋକମାନଙ୍କୁ ସେମାନଙ୍କର ସମବର୍ଗୀୟ ବ୍ୟକ୍ତି ହିଁ ମୋକ୍ଷ ପ୍ରଦାନ କରିପାରିବ, ଯେକି ସେମାନଙ୍କ ମଧ୍ୟରୁ ହିଁ ହୋଇଥିବ । ସୁତରାଂ ମନୁଷ୍ୟ ବ୍ୟତୀତ ଅନ୍ୟ କୌଣସି ବର୍ଗରୁ ରସୁଲ୍ ରୂପେ ମାନବ ଜାତିରେ ଆସି ପାରିବ ନାହିଁ । କାରଣ ସେମାନେ ମନୁଷ୍ୟମାନଙ୍କ ନିମନ୍ତେ ଆଦର୍ଶ ହୋଇପାରିବେ ନାହିଁ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାଃ ବନି ଇସ୍ରାଇଲ୍‌ର ଆୟତ୍ ନଂ ୨୫-୨୬ "**ୱମା ମନ୍‌ଅନ୍ନାସ୍ ଅଇଁ ୟୁମିନୁ ଇଜ୍ ଜାଆ ଅହୁମୁଲ୍ ହୁଦା ଇଲ୍ଲା ଅନ୍ କାଲୁ ଅ ବାଆସଲ୍ଲାଃହୁ ବଶରନ୍ ରସୁଲା- କୁଲ୍ ଲୌ କାନା ଫିଲ୍ ଅର୍ଜି ମଲାଇକତଇଁ ୟମ୍‌ଶୁନା ମୁତ୍‌ମଇନ୍ନିନା ଲନଜ୍ଜଲ୍‌ନା ଅଲୈହିମ୍ ମିନସ୍ ସମାଇ ମଲାଇକର୍ ରସୁଲା**"ର ବ୍ୟଖ୍ୟା କରି କୁହନ୍ତି: ଆୟତ୍ ନଂ ୨୫ରେ କୁହାଯାଇଥିଲା ଯେ, ମୁଁ ତ' କେବଳ ଜଣେ ମନୁଷ୍ୟ ଓ ରସୁଲ୍ ମାତ୍ର । ତେଣୁ ଏହାଠୁ ଅଧିକ ମୋର ଆଉ କୌଣସି ଦାବି ନାହିଁ । ବର୍ତ୍ତମାନ ଉକ୍ତ ଆୟତ୍‌ରେ ଯାହା କୁହଯାଇଛି ଯେ, ଅବତରାମାନଙ୍କ ଉପରେ ଯେଉଁ ବଡ଼ ବଡ଼ ଆପତ୍ତି କରାଯାଏ ତନ୍ମଧ୍ୟରୁ ଏକ ଆପତ୍ତି ଏହିକି ଯେ, ସେମାନେ ବଶର୍ (ଅର୍ଥାତ୍ ମନୁଷ୍ୟ) ଓ ରସୁଲ୍ ଅଟନ୍ତି । ଏହା ଆପତ୍ତି ନୁହେଁ ବରଂ ସେହି ଶବ୍ଦ ମାଧ୍ୟମରେ ଅନେକ ପ୍ରକାରର ଆପତ୍ତି ଆସି ଯାଇଥାଏ । କେତେକ ଲୋକଙ୍କୁ ଏହି ଆପତ୍ତି ହୋଇଥାଏ ଯେ, ଅଲ୍ଲାଃତାଲା ଯିଏ ସର୍ବ ଶକ୍ତିମାନ ଅଟନ୍ତି, ସେ କିପରି ଜଣେ ମନୁଷ୍ୟକୁ ଅବତାର କରିପାରିବେ ? ଏହି ଲୋକମାନେ ଐଶୀବାଣୀ ଅବତୀର୍ଣ୍ଣର ପ୍ରତ୍ୟାଖ୍ୟାନକାରୀ ଅଟନ୍ତି । କେତେକ ଆପତ୍ତିକାରୀ ଲୋକମାନେ ମନୁଷ୍ୟର ଅବତାର ହେବା ଯୋଗୁଁ ସ୍ୱୟଂ ଅହଂକାରୀ ଓ ତଥା ହଠ ଯୋଗୁଁ ହିଁ ଅବତାରମାନଙ୍କ ଉପରେ ଆପତ୍ତି କରିଥାନ୍ତି । ଅର୍ଥାତ୍ ସେମାନେ ଏହା କୁହନ୍ତି ଯେ, ଆମେମାନେ ମଧ୍ୟ ଏମାନଙ୍କ ପରି ମନୁଷ୍ୟ ଅଟୁ । ଯଦି ଅଲ୍ଲାତାଲା ଏମାନଙ୍କ ଉପରେ ନିଜର ଐଶୀବାଣୀ ଅବତୀର୍ଣ୍ଣ କରି ପାରନ୍ତି ତେବେ ସେ (ଅର୍ଥାତ ଅଲ୍ଲାଃତାଲା) ଆମ ସମସ୍ତଙ୍କ ଉପରେ ମଧ୍ୟ ନିଜର ଐଶୀବାଣୀ ଅବତୀର୍ଣ୍ଣ କରିପାରିବେ । ତା'କୁ (ସେହି ଅବତାରକୁ) କାହିଁକି ବିଶେଷିତ କଲେ (ମନୋନୀତ କଲେ) ଆଉ ଆମକୁ ମନୋନୀତ କଲେ ନାହିଁ ? ତେଣୁ ଆମେ ତା'କୁ ଗ୍ରହଣ କରିପାରିବୁ ନାହିଁ । ଏମାନେ ଐଶୀବାଣୀର ଅବତୀର୍ଣ୍ଣ ହେବାକୁ ଅସମ୍ଭବ ବୋଲି ବବେଚିତି କରିପାରିବେ ନାହିଁ । ବରଂ ନଜିକୁ ନଜେ ବଡ଼ ବୋଲି ବୁଝିବା ଫଳରେ ଅବତାରମାନଙ୍କୁ ସ୍ୱୀକାର କରିପାରବେ ନାହିଁ । କାରଣ ଅଲ୍ଲାଃତାଲା ସେହିପରି ଦୁଷ୍ଟ ବ୍ୟକ୍ତିମାନଙ୍କ ଆଡ଼କୁ ସେମାନଙ୍କ କଥନ ଅନୁଯାୟୀ ଜଣେ ନିକୃଷ୍ଟମାନର ବ୍ୟକ୍ତିକୁ ସନ୍ଦେଶ ଦେଇ ପ୍ରେରଣ କରିବେ । **ତୃତୀୟ ଗୋଷ୍ଠୀଟି** ରସଲୁମାନଙ୍କୁ ଏଇଥିପାଇଁ ପ୍ରତ୍ୟାଖ୍ୟାନ କରିଥାଏ ଯେ, ତା' ନକିଟରେ ବା ତା' ବିଚାରରେ ମନୁଷ୍ୟ ନଜି ଅସ୍ତିତ୍ୱରେ ସ୍ୱୟଂ ସଂପୂର୍ଣ୍ଣ ଅଟେ । ତେଣୁ ଅନ୍ୟ କୌଣସି ବ୍ୟକ୍ତିକୁ ଐଶୀବାଣୀର ଆବଶ୍ୟକତା ନାହିଁ ବରଂ ନିଜର ସ୍ୱାଭାବଗତ ତଥା ଜନ୍ମଗତ ଶକ୍ତି ଯୋଗୁଁ ସେ ନଜି ପାଇଁ ସଠିକ୍ ମାର୍ଗ ବାଛି ପାରିବ । **ଚତୁର୍ଥ ଗୋଷ୍ଠୀ** ମନୁଷ୍ୟର ଅବତାର ହେବା ଯୋଗୁଁ ଏହି ଦୃଷ୍ଟିକୋଣ ଅନୁଯାୟୀ ଆପତ୍ତି କରିଥାଏ ଯେ, ଆପତ୍ତିକାରୀଙ୍କ ନିକଟରେ ଅବତାର ନମିନ୍ତେ ମନୁଷ୍ୟ ହେବା ବ୍ୟତୀତ ଅଧିକ ଶକ୍ତିର ଆବଶ୍ୟକତା ପଡ଼ିଥାଏ । ତେବେ ସେମାନେ ତୁରନ୍ତ ତା'କୁ ସ୍ୱୀକାର କରବିାକୁ ପ୍ରସ୍ତୁତ ହୋଇଯିବେ । କିନ୍ତୁ ଐଶୀ ଶକ୍ତି ଓ କାର୍ମିକ ଶକ୍ତିର ବ୍ୟବହାରକି ନମୁନା ପ୍ରଦର୍ଶନକାରୀ ମନୁଷ୍ୟ ଯେକି ମିଥ୍ୟା, ଗର୍ବ ଓ ମିଥ୍ୟା ଦାବିରୁ ବର୍ତ୍ତିବାକୁ ଚେଷ୍ଟା କରିଥାଏ, ସେମାନଙ୍କ (ଆପତ୍ତିକାରୀଙ୍କ) ନିକଟରେ କଦାପି ଭରସାଯୋଗ୍ୟ ହେବ ନାହିଁ । କାରଣ ସେମାନଙ୍କ ବୈଚିତ୍ର୍ୟମୟ ସ୍ୱଭାବ ନଜିକୁ ଉକୃଷ୍ଟ ବୋଲି ମନେକରିବା ଯୋଗୁଁ ଏହି ଭ୍ରମର ଶିକାର ହୋଇଥାଏ । ଏପରି ବ୍ୟକ୍ତିମାନେ ବେଳେବେଳେ ପ୍ରଥମେ ଅବତାରମାନଙ୍କୁ ମଧ୍ୟ ସ୍ୱୀକାର କରି ନିଅନ୍ତି କିନ୍ତୁ ଅବତାର ଆସିବା ପରେ ସେମାନଙ୍କ ସ୍ୱଭାବ ମଧ୍ୟରେ ଥିବା ଏହି ଖଣ୍ଡ ତଥା ଅଭାବର ପ୍ରାଦୁର୍ଭାବ ସ୍ପଷ୍ଟ ରୂପେ ସତୂନା ପ୍ରଦାନ କରିଦେଇଥାଏ ଯେ, ପୂର୍ବ ଅବତାରମାନଙ୍କ ଉପରେ ମଧ୍ୟ ସେମାନଙ୍କର ବିଶ୍ୱାସ କେବଳ ପ୍ରଥାଗତ ଓ ରୋଦନମୟ ବିଶ୍ୱାସ ଥିଲା ।

ଆୟତ୍ ନଂ ୨୬ ର ବ୍ୟଖ୍ୟା କରି ହୁଜୁର ର.ଅ କୁହନ୍ତି: ଉକ୍ତ ଆୟତରୁ ଏହା ପ୍ରତିଭାତ ହୁଏ ଯେ, ଦେବଦୂତରୁ ଯଥାର୍ଥ ଦେବଦୂତ ସଲୁଭ ଚରତ୍ରି ଓ ଆଚାର ବ୍ୟବହାର ମନୁଷ୍ୟ ମଧ୍ୟରେ ଥିବା ଉଚତି । ଅନ୍ୟଥା ଦେବଦୂତ ପରେ ଦେବଦୂତ ଆସିବାର କୌଣସି ଯଥାର୍ଥତା ନାହିଁ । ଅନ୍ୟଥା ଉକ୍ତ ଆୟତ୍‌ରେ ଏହି ପ୍ରକାରର ଲୋକମାନଙ୍କର ଚିନ୍ତାଧାରାର ଉତ୍ତର ପ୍ରଦାନ କରାଯାଇଛି । ଯେଉଁମାନେ ଏହା ଭାବନ୍ତି ଯେ, ସେମାନେ ବଡ଼ ଓ ସେମାନଙ୍କୁ ସିଧାସଳଖ ପ୍ରଭୁଙ୍କ ଠାରୁ ଐଶୀବାଣୀ ପ୍ରାପ୍ତ ହେବା ଉଚତି । ତତ୍‌ସଂପର୍କରେ କୁହାଯାଏ ଯେ, ଦେବଦୂତ ସଲୁଭ ସ୍ୱଭାବ ଥିବା ବ୍ୟକ୍ତି ଉପରେ (ପାଖରେ ) ଦେବଦୂତମାନେ ଐଶୀବାଣୀ ନେଇ ଅବତୀର୍ଣ୍ଣ ହୁଅନ୍ତି । ଅନ୍ୟ ଶ୍ରେଣୀ ବା ଅନ୍ୟ ବର୍ଗ ବିଶେଷରେ ନୁହେଁ । ତୁମେମାନେ ଯେତେବେଳେ ଦେବଦୂତ ହୋଇଯାଇଥାଅ ସେତେବେଳେ ତୁମ ଉପରେ ମଧ୍ୟ ଦେବଦୂତମାନେ ଅବତୀର୍ଣ୍ଣ ହୋଇଥାଆନ୍ତି ତୁମେମାନେ ଶୈତାନ୍ ହୋଇଯାଇଛ ତୁମ ଉପରେ କିପରି ଦେବଦୂତମାନେ ଅବତୀର୍ଣ୍ଣ ହେବେ ? ଦ୍ୱତୀୟରେ ସେହି ଲୋକମାନଙ୍କୁ ଉତ୍ତର ପ୍ରଦାନ କରାଯାଇଛି ଯେ, ଯେଉମାଁନେ ଏହା ଭାବନ୍ତି ଯେ, ମନୁଷ୍ୟ ଠାରୁ ଅଧିକ ଶକ୍ତିଶାଳୀ ଅସ୍ତିତ୍ୱର ଆବଶ୍ୟକତା ରହଥିଲା, ମନୁଷ୍ୟର ମଣିଷ ପଣିଆ ଖାଲି କାମ ଦେବ ନାହିଁ । ସେହି ଆପତ୍ତିକାରୀମାନଙ୍କୁ ଏହା କୁହାଯାଇଛି ଯେ, ପ୍ରତ୍ୟେକ ଶ୍ରେଣୀ ଓ ପ୍ରତ୍ୟେକ ବର୍ଗର ଲୋକମାନଙ୍କୁ ସେମାନଙ୍କର ସମବର୍ଗୀୟ ବ୍ୟକ୍ତି ହିଁ ମୋକ୍ଷ ପ୍ରଦାନ କରିପାରିବ ଯିଏକି ସେମାନଙ୍କ ମଧ୍ୟରୁ ହିଁ ହୋଇଥିବେ ସୁତରାଂ ମନୁଷ୍ୟ ବ୍ୟତୀତ ଅନ୍ୟ କୌଣସି ବର୍ଗରୁ ରସଲୁ ମନୁଷ୍ୟ ଜାତରେ ଆସିପାରିବେ ନାହିଁ । କାରଣ ସେମାନେ ମନୁଷ୍ୟମାନଙ୍କ ନିମନ୍ତେ ଆଦର୍ଶ ହୋଇପାରିବେ ନାହିଁ । ସେହି ଅର୍ଥାନୁଯାୟୀ ଅବତାରର ଅର୍ଥ କେବଳ ସନ୍ଦେଶବାହକ ବା ବାର୍ତ୍ତାବାହକ ନୁହେଁ ବରଂ ଅବତାରତ୍ୱର ସେହି ସମସ୍ତ ସର୍ତ୍ତ ଯାହା ସହତି ଅବତାରମାନେ ଧରାପୃଷ୍ଠରେ ଅବତୀର୍ଣ୍ଣ କରନ୍ତି ତାହା ହିଁ ଯଥାର୍ଥ ।

**(ତଫ୍‌ସରି କବରି , ଗ୍ରନ୍ଥ ଖଣ୍ଡ-4, ପୃ-380, 2010 ମସହି ।)**

## ଗତ ଶୁମାରା (ସଂଖ୍ୟା) 37ର ଅବଶିଷ୍ଟାଂଶ......

## ପୃ 2 ଓ 12 ରେ ବର୍ଣ୍ଣିତ ବିଷୟ ବସ୍ତୁ (ମୁନସିଫ୍ ଖବର କାଗଜରେ ଅହେମଦିମାନଙ୍କୁ କାଫିର ବିବେଚିତ କରିବା ନିମନ୍ତେ ହୀନ ପ୍ରୟାସ)

ଜମଅିତ୍ ଉଲମାଏ ହିନ୍ଦ୍ ନିଜର ଏକ ପ୍ରେସ୍ ରିଲିଜ୍ (ବିଜ୍ଞପ୍ତି ) ଜାରି କରି ଉଲ୍ଲେଖ କଲା ଯେ, ଜମାଅତ୍ ଅହେମଦିୟାକୁ ଅଣମୁସଲମାନ ବୋଲି ସାବ୍ୟସ୍ତ କରବିାରେ ଆନ୍ଧ୍ର ପ୍ରଦେଶର ୱକଫ୍ ବୋର୍ଡ଼ର ମତାମତ ସଂପର୍ଣ୍ଣ ଠକି୍ ଅଟେ । ତତ୍‌ସଂକ୍ରାନ୍ତରେ କେନ୍ଦ୍ରୀୟ ମନ୍ତ୍ରୀ ଶ୍ରୀମତି ସ୍ମୃତି ଇରାନୀଙ୍କ ଅଯଥା ଆଗ୍ରହ ପ୍ରକାଶ କରିବା ତାର୍କିକ ହୀନ ଅଟେ। ଜମିଅତ୍ ଉଲମାଏ ହିନ୍ଦର ଜମାଅତ୍ ଅହେମଦିୟାକୁ ଅଣମସୁଲମାନ ବୋଲି ବିବେଚିତ କରିବା । ପ୍ରସଙ୍ଗରେ କ'ଣ ସବୁ ପ୍ରମାଣ ଉପସ୍ଥାପିତ କରିଛନ୍ତି ତାହାର ଚର୍ଚ୍ଚା ଆମେ ନିମ୍ନରେ ପ୍ରଦାନ କଲୁ । ଜମିଅତ୍ ଉଲମାଏ ହିନ୍ଦ୍ ନିଜର ପ୍ରେସ ରିଲିଜ୍ (ବିଜ୍ଞପ୍ତି )ରେ ଉଲ୍ଲେଖ କରନ୍ତି ଯେ, "ଇସ୍‌ଲାମ୍ ଧର୍ମର ମଳୂଦୁଆ ଦୁଇଟି ଆସ୍ଥା ଉପରେ ଦଣ୍ଡାୟମାନ ରହିଛି (1) ଏକେଶ୍ୱରବାଦ ଅର୍ଥାତ ଅଲ୍ଲାଃତାଲାଙ୍କୁ ଏକ ବୋଲି ସ୍ୱୀକାର କରିବା ଓ ତାହାଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ ନକରିବା । (2) ଅବତାରତ୍ୱ ଅର୍ଥାତ ହ. ମୁହମ୍ମଦ୍ ସ.ଅ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଓ ଶେଷ ଅବତାର ଅଟନ୍ତି । ଆପଣ ସ.ଅଙ୍କ ଉପରେ ଅବତାରତ୍ୱମୂଳକ ଐଶୀବାଣୀର ପରମ୍ପରା ସମାପ୍ତ ହୋଇଯାଇଛି ଓ ଆପଣ ସ.ଅଙ୍କ ଧର୍ମବିଧାନ ହିଁ ସଂପୂର୍ଣ୍ଣ ତଥା ଚୂଡ଼ାନ୍ତ ଧର୍ମବିଧାନ ଅଟେ । ଏହି ଇସ୍‌ଲସାମୀୟ ବିଶ୍ୱାସ ବିରୁଦ୍ଧୀୟ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଓ ତାଙ୍କର ଅନୁଗାମୀମାନେ ଏପରି ଆସ୍ଥା ଅବଲମ୍ବନ କଲେ ଯାହାକି ଖତ୍‌ମେ ନବୁୱତ୍ (ଅବତାରତ୍ୱ ଶେଷ)ର ସଂପୂର୍ଣ୍ଣ ବିରୁଦ୍ଧାଚରଣ ଓ ଉଲ୍ଲଂଘନ କରେ । ଉକ୍ତ ମୌଳକି ତଥା ବାସ୍ତବିକ ମତାନ୍ତରର ଉପସ୍ଥିତିରେ କାଦଆନୀୟତ୍‌କୁ ଇସଲାମୀୟ ଗୋଷ୍ଠୀରେ ଗଣ୍ୟ କରିବାର କୌଣସି ମୌଳିକତା ଉପସ୍ଥିତ ନାହିଁ । ଇସ୍‌ଲାମ୍ ଧର୍ମର ସମସ୍ତ ସଂପ୍ରଦାୟ ଉକ୍ତ ସଂପ୍ରଦାୟକୁ ଅଣମସୁଲମାନ ହେବା ଉପରେ ଏକମତ ଅଟନ୍ତି । ତତସଂକ୍ରାନ୍ତରେ ଚର୍ଚ୍ଚିତ ଗୋଷ୍ଠୀ 'ରାବତା ଆଲମେ ଇସଲାମୀ' ନିଜର ଏକ ଜଲସା ଏପ୍ରିଲ୍ ମାସ(ଅବଶିଷ୍ଟାଂଶ ପୃ- 12ରେ .................)

# (ଖୁତ୍‌ବା ଜୁମା)

"ତୁମମାନଙ୍କ ପକ୍ଷେ ଏକ ଆବଶ୍ୟକୀୟ ଶିକ୍ଷା ଏହିକି ଯେ, ତୁମେ ମାନେ ପବତ୍ରି କୁରଆନ୍‌କୁ ବିରହଗ୍ରସ୍ତ ହୋଇ ପରିତ୍ୟାଗ କରିଦଅି ନାହିଁ । କାରଣ ତୁମମାନଙ୍କର ଜୀବନ ତହିଁରେ ହିଁ ଅନ୍ତର୍ନିହତି ରହିଛି । ଯେଉଁ ଲୋକମାନେ ପବତ୍ରି କୁରଆନ୍ ପ୍ରତି ସମ୍ମାନ ତଥା ନିଷ୍ଠା ପ୍ରଦର୍ଶନ କରିବେ ତେବେ ଅଲ୍ଲାଃତାଲା ସେମାନଙ୍କୁ ଆକାଶଲୋକରେ (ଅର୍ଥାତ ବୈକୁଣ୍ଠପୁରରେ) ସମ୍ମାନ ପ୍ରଦାନ କରିବେ ।"

ସଂପ୍ରାତିକ ଯୁଗରେ ଅଲ୍ଲାଃତାଲା ହ. ମୁହମ୍ମଦ୍ ସ.ଅଙ୍କର ସତ୍ୟବାଦୀ ଦାସ ହ. ମିର୍ଜା ଗୁଲାମ୍ ଅହେମଦ କାଦିଆନୀଙ୍କୁ ପବିତ୍ର କୁରଆନ୍ କରୀମ୍‌ର ପ୍ରକାଶନ ସକାଶେ ପ୍ରେରଣ କରିଛନ୍ତି । ଅତଃ ଆପଣ ଅ.ସ ସେହି ବ୍ରହ୍ମଜ୍ଞାନମଳୂକ ତତ୍ତ୍ୱ ସଂପର୍କରେ ଆମମାନଙ୍କୁ ଶିକ୍ଷା ପ୍ରଦାନ କରିଛନ୍ତି ଯାହାକି ଅନ୍ୟମାନଙ୍କ ଠାରୁ ଲୁଚ୍ଛାୟିତ ହୋଇ ରହିଥିଲା । ଆପଣ ଅ.ସଙ୍କ ମାଧମରେ ହିଁ ପବତ୍ରି କୁରଆନ୍‌ର କଲ୍ୟାଣର ଏକ ଝରଣା ପ୍ରବାହିତ କରି ତାହା ଆମମାନଙ୍କୁ ପ୍ରଦାନ କଲେ । ଆପଣ ଅ.ସ ଏହି ସଂସାରରେ ଏଇଥିପାଇଁ ପ୍ରେରିତ ହୋଇଥିଲେ ଯେ, ପବତ୍ରି କୁରଆନ୍ କରୀମ୍‌ର ଆଦେଶାବଳୀ ସମଗ୍ର ସଂସାର ଜଗତରେ ପ୍ରଣୟନ ହୋଇଯାଉ ।

ପାକିସ୍ତାନ୍‌ରେ ବେଳେବେଳେ ବିଦ୍ୱାନ୍‌ମାନଙ୍କର ଉତ୍ତେଜନା, ଆକ୍ରୋଶ ତଥା କ୍ରୋଧ ଉଙ୍କି ମାରିଥାଏ ଓ ସେମାନଙ୍କ ସହତି ପୁନଶ୍ଚ କେତେକ ଶସ୍ତା ତଥା ସହଜ ସୁଲଭ ପ୍ରସିଦ୍ଧି ଅର୍ଜନକାରୀ ରାଜନୀତିକ ନେତୃବୃନ୍ଦ ଓ ସରକାରୀ କର୍ମ କର୍ତ୍ତାମାନେ ମଧ୍ୟ ମିଶି ଯାଆନ୍ତି ଓ ଅହେମଦିମାନଙ୍କୁ ବିଭିନ୍ନ ଆଳ କରି ଅତ୍ୟାଚାର ତଥା ନିର୍ଯାତନା ଦିଅନ୍ତି, ହଇରାଣ ହରକତ ମଧ୍ୟ କରନ୍ତି । ଫଳତଃ ଅହେମଦିମାନଙ୍କୁ ଅନ୍ୟାୟ ତଥା ନିର୍ଯାତନାର ଶିକାର ହେବାକୁ ପଡ଼ିଥାଏ ।

ବଗିତ କିଛି କାଳ ଧରି ପୁନଃ ଏହି ବିଦ୍ୱାନ୍‌ମାନେ ଅହେମଦିମାନଙ୍କ ଉପରେ ପବତ୍ରି କୁରଆନ୍ କରୀମ୍ ତେହ୍‌ରିଫ୍ (ପରିବର୍ତ୍ତନ) ଓ ତୌହିନ୍ (ସମ୍ମାନକୁ କ୍ଷୁର୍ଣ୍ଣ କରିବା) କରିବାର ମନଗଢା ମକଦ୍ଦମା ଦାଏର୍ କରିବା ପାଇଁ ଦୁର୍ବାର ପ୍ରୟାସ ଚଳାଇଛନ୍ତି । ଅଲ୍ଲାତାଲା ସେମାନଙ୍କର ଉପଦ୍ରବରୁ ରକ୍ଷା କରନ୍ତୁ ଓ ଅହେମଦିମାନଙ୍କୁ ସେହି ଅତ୍ୟାଚାରମଳୂକ ମକଦ୍ଦମାରୁ ସୁରକ୍ଷିତ ରଖି ବିରୋଧୀମାନଙ୍କର ଯଥାଶୀଘ୍ର ଧରପକଡ଼ କରନ୍ତୁ । ବନ୍ଦୀ ଥିବା ଅହେମଦିମାନଙ୍କର ଯଥାଶୀଘ୍ର କାରାମୁକ୍ତ ହେବାର ସାଧନ ସୃଷ୍ଟି କରନ୍ତୁ ।

ଏହି ଯୁଗରେ ହ. ମସହି୍ ମଉଦ୍ ଅ.ସଙ୍କ ଶିକ୍ଷା ପ୍ରକାଶ ହିଁ ଏକମାତ୍ର ଶିକ୍ଷା ରହିଛି ଯାହା ଦ୍ୱାରା ପବତ୍ରି କୁରଆନ୍ କରୀମ୍‌ର ଜ୍ଞାନ ଓ ବ୍ରହ୍ମଜ୍ଞାନମଳୂକ ତତ୍ତ୍ୱର ସମ୍ୟକ ପରିଚୟ ସଂପର୍କରେ ଅବବୋଧ ହୋଇଥାଏ ଓ ଜମାଅତ୍ ଅହେମଦିୟା ହିଁ ସେହି ସଂପ୍ରଦାୟ ଯେକି ଉକ୍ତ କାର୍ଯ୍ୟକୁ ସମଗ୍ର ସଂସାର ସୁଚାରୁ ରୂପେ ସମ୍ପାଦତି କରୁଅଛି ।

"ମୁଁ ପ୍ରତ୍ୟକ୍ଷଦର୍ଶୀ ରୂପେ କହୁଛି ଯେ, ପବତ୍ରି କୁରଆନ୍ ଶରୀଫ୍‌ର କୌଣସି ପ୍ରସଙ୍ଗ ଉପସ୍ଥାପନ କରନ୍ତୁ ତାହା ନଜି ସ୍ଥାନରେ ଏକ ନଦିର୍ଶନ ଓ ଚମତ୍କାର ଅଟେ ।"

"ପବିତ୍ର କୁରଆନ୍ କରୀମ୍‌ର ଅଭିପ୍ରାୟ ହେଲା ସମଗ୍ର ସଂସାରର ସଂଶୋଧନ ଓ ସଂସ୍କାର । ଅତଃ ଏହା (ପବିତ୍ର କୁରଆନ୍) କେବଳ ମୁସଲମାନମାନଙ୍କୁ ସମ୍ବୋଧିତ କରି କହେ ନାହିଁ ଯେ, ଏହି କୁରଆନ୍ କେବଳ ଇସ୍‌ଲାମ୍ ଧର୍ମାବଲମ୍ବୀମାନଙ୍କ ନମିନ୍ତେ ଅବତୀର୍ଣ୍ଣ ହୋଇଛି । ବରଂ ପ୍ରାଞ୍ଜଳ ତଥା ସ୍ୱଷ୍ଟ ଭାବରେ ବର୍ଣ୍ଣନା କରେ ଯେ, ଏହି ଧର୍ମଗ୍ରନ୍ଥ (ପବତ୍ରି କୁରଆନ୍) ସମଗ୍ର ମାନବ ଜାତି ନିମନ୍ତେ ଅଭିପ୍ରେତ ହୋଇ ଅବତୀର୍ଣ୍ଣ ହୋଇଛି ଏବଂ ପ୍ରତ୍ୟେକ ବ୍ୟକ୍ତିର ସଂଶୋଧନ ଏହାର ମଳୂ ଅଭିପ୍ରାୟ ଅଟେ ।"

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ତଥା ଚିତ୍ତାକର୍ଷକ ଉପଦେଶାବଳୀର ପ୍ରକାଶରେ ପବିତ୍ର କୁରଆନ୍ କରୀମର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା ।

---

**ଖତୁବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 3 Feb 2023 ମସିହା ଅନୁଯାୟୀ ୧୩ ସୁଲହ୍ /୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِیکَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّیْطٰنِ الرَّجِیْمِ۔ بِسْمِ اللّٰهِ الرَّحْمٰنِ الرَّحِیْمِ۔ اَلْحَمْدُلِلّٰهِ رَبِّ الْعَالَمِیْنَ۔ اَلرَّحْمٰنِ الرَّحِیْمِ ۔ مٰلِکِ یَوْمِ الدِّیْنِ ۔اِیَّا کَ نَعْبُدُ وَ اِیَّاکَ نَسْتَعِیْنُ۔ اِهْدِنَا الصِّرَاطَ الْمُسْتَقِیْمَ۔صِرَاطَ الَّذِیْنَ اَنْعَمْتَ عَلَیْهِمْ۔غَیْرِالْمَغْضُوْبِ عَلَیْهِمْ وَلَاالضَّآلِّیْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହଲି୍ ଅଜଜି୍ କହିଲେ; ହ. ମସହି୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର କଲ୍ୟାଣ ତଥା ଗାରିମା ସଂପର୍କରେ ବର୍ଣ୍ଣନା କରି କୁହନ୍ତି, ପବତ୍ରି କୁରଆନ୍ କରୀମ୍‌ର କଲ୍ୟାଣ ତଥା ମାହିମାର ଦ୍ୱାର ସଦାସର୍ବଦା ପାଇଁ ଉନ୍ମୁକ୍ତ ରହିଛି ଏବଂ ଆଁହଜରତ ସ.ଅଙ୍କ କାଳରେ ଯେପରି ତାହା ଜାଜ୍ୱଲ୍ୟମୟ ଏବଂ ତେଜସ୍ୱୀ ଥିଲା ଠକି୍ ସେହିପରି ତାହା ପ୍ରତ୍ୟେକ ଯୁଗରେ ମଧ୍ୟ ରହିଛି ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ3-, ପୃ57-, ସଂସ୍କରଣ ବର୍ଷ 1984)**

ଆପଣ ଅ.ସ କୁହନ୍ତି, ଏକଥା ନିରାଟ ସତ୍ୟ ଯେ, ମୁସଲମାନ ଧର୍ମାବଲମ୍ବୀମାନେ ପବିତ୍ର କୁରଆନ୍ କରୀମକୁ ପରିତ୍ୟାଗ କରି ଦେଇଛନ୍ତି । ଏହା ସତ୍ତ୍ୱେ ମଧ୍ୟ ପବିତ୍ର କୁରଆନ୍ କରୀମ୍‌ର କଲ୍ୟାଣ, ଆଲୋକ ଓ ତାହାର ବୈଭବ୍ୟମୟ ପ୍ରଭାବ ଚିରୋଜ୍ଜୀବତି ଏବଂ ସତେଜ ହୋଇ ରହଛି । ଅତଏବ୍ ମୁଁ ସେହି ପ୍ରମାଣ ଉପସ୍ଥାପିତ କରିବା ସକାଶେ ପ୍ରେରତି ହୋଇଅଛି ଏବଂ ଅଲ୍ଲାଃତାଲା ସର୍ବଦା ଯଥା ସମୟରେ ନିଜ ସତ୍ତା, ତଥା ଅସ୍ତିତ୍ୱର ପ୍ରମାଣ ଓ ପରିଚୟ ଦେଇ ନିଜ ଭକ୍ତମାନଙ୍କର ସାହାଯ୍ୟ ଓ ସମର୍ଥନ କରିଥାଆନ୍ତି । କାରଣ ସେ ଏହି ପ୍ରତିଶ୍ରୁତି ଦେଇଛନ୍ତି ଯେ, اِنَّ نَحْنُ نَزَّلْنَا الذِّکْرَ وَ اِنَّ لَهٗ لَحٰفِظُوْنَ **(ଅଲ୍ ହିଜର୍:10)** ନିଃସନ୍ଦେହ ରୂପେ ଆମ୍ଭେ ହିଁ ଏହି ପବତ୍ରି ଶିକ୍ଷା ଅର୍ଥାତ କୁରଆନ୍‌କୁ ଅବତୀର୍ଣ୍ଣ କରଛୁି ଏବଂ ଆମ୍ଭେ ହିଁ ଏହାକୁ ସଂରକ୍ଷଣ ପ୍ରଦାନ କରିବୁ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-8, ପୃ- 2116-117, ସଂସ୍କରଣ ବର୍ଷ -1984)**

ଅତଃ ସାଂପ୍ରତିକ ଯୁଗରେ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସ ମିର୍ଜା ଗୁଲାମ୍ ଅହେମଦ ଅ.ସଙ୍କୁ ପବିତ୍ର କୁରଆନ୍ କରୀମ୍‌ର ପ୍ରକାଶନ ଏବଂ ସୁରକ୍ଷା ନିମନ୍ତେ ପ୍ରେରଣ କରିଅଛନ୍ତି । ଯେଉଁ ଗୂଢତତ୍ତ୍ୱ ତଥା ଶିକ୍ଷା ସଂପର୍କରେ ଲୋକମାନେ ଅବଗତ ନଥିଲେ ଅବା ଯେଉଁ ଆଧ୍ୟାତ୍ମିକ ଜ୍ଞାନ ଲୁଚ୍ଛାୟିତ ଅବସ୍ଥାରେ

ରହିଥିଲା ସେହି ଗୂଢତତ୍ତ୍ୱ ଏବଂ ଶିକ୍ଷା ଅଲ୍ଲାଃତାଲା ଆପଣ ଅ.ସଙ୍କୁ ପବିତ୍ର କୁରଆନ୍ କରୀମ୍‌ର ମାଧ୍ୟମରେ ହିଁ ପ୍ରଦାନ କଲେ । ଅତଏବ ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଶାସନକୁ ମର୍ତ୍ତ୍ୟଧାମରେ ସ୍ଥାପନ କରିବା ନିମନ୍ତେ ଆସିଛନ୍ତି ।

କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହିକି ଯେ, ବିଦ୍ୱାନ୍ ଓ ଜ୍ଞାନୀଗୁଣୀ ବ୍ୟକ୍ତିମାନେ ଆପଣ ଅ.ସଙ୍କ ଦାବିକୁ ପ୍ରାରମ୍ଭରୁ ହିଁ ବିରୋଧ ଓ ପ୍ରତ୍ୟାଖ୍ୟାନ କରିବା ସହିତ ଏହାକୁ ନିଜର ଆଚରଣଗତ ଶୈଳୀ ରୂପେ ଗ୍ରହଣ କରି ନେଇଛନ୍ତି । ବୁଦ୍ଧିଜ୍ଞାନ ସମ୍ପନ୍ନ ଶିକ୍ଷା ଶୁଣିବାକୁ କୌଣସି ବ୍ୟକ୍ତି ମଧ୍ୟ ଅଗ୍ରହୀ ଓ ପ୍ରସ୍ତୁତ ନୁହନ୍ତି। କାରଣ ଧର୍ମଯାଜକମାନେ ସାଧାରଣ ଜନତାଙ୍କ ମନରେ ଭ୍ରମ ସୃଷ୍ଟି କରି ସେମାନଙ୍କୁ ମାର୍ଗଚ୍ୟୁତ କରି ଦେଇଛନ୍ତି । ସେହି ବିରୋଧୀମାନେ ନିଜେ ତ' ଜ୍ଞାନ ତଥା ଈଶ୍ୱରଙ୍କ ପରିଚୟରୁ ଅପରିଚିତ ଅଟନ୍ତି । କିନ୍ତୁ ତତ୍‌ସହିତ ଯେଉଁ ଆଗମନକାରୀଙ୍କୁ ଅଲ୍ଲାଃତାଲା ଉକ୍ତ କାର୍ଯ୍ୟ ସକାଶେ ପ୍ରେରିତ କରିଛନ୍ତି ସେମାନେ ସେହି ଆଗମନକାରୀର ମାର୍ଗରେ ନାନ ବାଧା ବିଘ୍ନ ସୃଷ୍ଟି କରିବା ପାଇଁ ଅକ୍ଲାନ୍ତ ଉଦ୍ୟମ କରୁଛନ୍ତି ଏବଂ ସେମାନେ ନିଜର ଏହି ଉଦ୍ୟମକୁ ପବିତ୍ର କୁରଆନ୍ କରୀମ୍‌ର ସେବା ବୋଲି ମନେ କରୁଛନ୍ତି ।

ପାକିସ୍ତାନ୍‌ରେ ସମୟ ସମୟରେ ନାମକୁ ମାତ୍ର ବିଦ୍ୱାନ୍ ବୋଲାଉଥିବା ବ୍ୟକ୍ତିମାନେ ଏହିଭଳି ଉପଦ୍ରବମୂଳକ ପରିସ୍ଥିତି ସୃଷ୍ଟି କରିଥାନ୍ତି ଓ ସେମାନଙ୍କ ସହିତ ସହଜରେ ପ୍ରସିଦ୍ଧି ଅର୍ଜନକାରୀବର୍ଗ, ରାଜନେତାମାନେ ଓ ସରକାରୀ ଶାସନ କଳର ଅମଲାମାନେ ମିଶି ଯାଆନ୍ତି । ଫଳତଃ ଏହିମାନେ ହିଁ ନିରୀହ, ନିଷ୍କପଟ ସାଧାରଣ ଲୋକମାନଙ୍କୁ ବିଭିନ୍ନ ଆଳ କରି ଅହେମଦିମାନଙ୍କ ବିରୁଦ୍ଧରେ ବିରୋଧ ପ୍ରଦର୍ଶନ କରିବା ପାଇଁ ଉସ୍‌କାଇଥାନ୍ତି । ଫଳ ସ୍ୱରୂପ ନିରାପରାଧ ଅହେମଦିମାନଙ୍କୁ ସେମାନଙ୍କ ବିରୋଧ, ଆକ୍ରୋଶର ଶିକାର ମଧ୍ୟ ହେବାକୁ ପଡ଼ିଥାଏ । ବିଗତ କିଛି ଦିନ ହେଲା ପବିତ୍ର କୁରଆନ୍ କରୀମ୍‌ରେ ପରିବର୍ତ୍ତନ ଓ ଅସମ୍ମାନର କପୋଳକଳ୍ପିତ ମକଦ୍ଦମା ଅହେମଦିମାନଙ୍କ ବିରୁଦ୍ଧରେ ଦାଏର କରିବା ପାଇଁ ଅଣଅହେମଦିମାନେ ଅକ୍ଲାନ୍ତ ଉଦ୍ୟମ କରୁଛନ୍ତି । ଅଲ୍ଲାଃତାଲା ସେମାନଙ୍କର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ ଏବଂ ଯେଉଁ ଅହେମଦିମାନଙ୍କ ବିରୁଦ୍ଧରେ ସେମାନେ ଅନ୍ୟାୟ ପୂର୍ବକ ମିଥ୍ୟା ଆରୋପ ଲଗାଇଛନ୍ତି ଏବଂ ଅକାରଣରେ ଅହେମଦିମାନଙ୍କୁ ହାଜତରେ ପୂରାଇ ଦେଇଛନ୍ତି ଅଲ୍ଲାଃତାଲା ସେହି ଅହେମଦିମାନଙ୍କୁ ଯଥାଶୀଘ୍ର କାରାମୁକ୍ତ କରି ନିର୍ଦ୍ଦୋଷରେ ଖଲାସ କରନ୍ତୁ ।

ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ହିଁ ପବିତ୍ର କୁରଆନ୍ କରୀମ୍‌ର ଆଧ୍ୟାତ୍ମିକ ଜ୍ଞାନର ପ୍ରକାଶ ହିଁ ରହିଛି ଯଦ୍ୱାରା ପବିତ୍ର କୁରଆନ୍ କରୀମର ଜ୍ଞାନ ଓ ପରିଚୟ ଜନିତ ସତ୍ୟତା ସଂପର୍କରେ ସୂଚନା ମିଳିଥାଏ ଏବଂ ଜମାଅତ୍ ଅହେମଦିୟା ହିଁ ଉକ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରୁଅଛି । ହ. ମସିହ୍ ମଉଦ୍ ଅ.ସ ନିଜର କଥନ ଓ ଲେଖନୀରେ ପବିତ୍ର କୁରଆନ କରୀମ୍‌ର ଗାରିମା ଓ ମର୍ଯ୍ୟାଦାର ଯେଉଁ ଅନନ୍ୟ ଶିକ୍ଷା ଓ ଉଦାହରଣ ଉପସ୍ଥାପିତ କରିଛନ୍ତି ତତ୍‌ସଂପର୍କରେ ମୁଁ ଆଜି ଆଲୋଚନା କରିବି ।

ହ. ମସିହ୍ ମ ଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର ପୂର୍ଣ୍ଣତ୍ୱ ଶିକ୍ଷା ସଂପର୍କରେ ଏକ ସ୍ଥଳେ ବର୍ଣ୍ଣନା କରି କୁହନ୍ତି ମୋର ଏହି ସିଦ୍ଧାନ୍ତ ରହିଛି ଯେ, ପବିତ୍ର କୁରଆନ୍ କରୀମ୍ ହେଉଛି ପୂର୍ଣ୍ଣାଙ୍ଗ ପବିତ୍ର ଧର୍ମଗ୍ରନ୍ଥ ଏବଂ କୌଣସି ସତ୍ୟତା ତହିଁରୁ ବହିର୍ଭୂତ ନୁହେଁ । وَ نَزَّلْنَا عَلَيْكَ الْكِتَابَ تِبْيَانًا لِكُلِّ شَيْءٍ **(ଅନ୍ ନହଲ୍: 90)** ଅର୍ଥାତ୍ ଆମ୍ଭେ ପ୍ରତ୍ୟେକ ବିଷୟକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିବା ସକାଶେ ଓ ସମସ୍ତଙ୍କୁ ସତ୍‌ପଥ ପ୍ରଦର୍ଶନ କରିବା ସକାଶେ, ସମ୍ପୂର୍ଣ୍ଣ ଆତ୍ମ ସମର୍ପଣକାରୀମାନଙ୍କୁ ସୁସମାଚାର ଦେବା ସକାଶେ ଏହି ଧର୍ମ ଗ୍ରନ୍ଥ ଅର୍ଥାତ୍ ପବିତ୍ରୁ କରୁଆନ୍ କରୀମ୍‌କୁ ଅବତୀର୍ଣ୍ଣ କରିଅଛୁ । ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି ଯେ, **ମା ଫର୍‌ରତ୍‌ନା ଫିଲ୍ କିତାବି ମିନ୍ ଶୈଇନ୍** ଅର୍ଥାତ ଆମ୍ଭେ ଏହି ଗ୍ରନ୍ଥରେ କୌଣସି ବିଷୟର ଅଭାବ ରଖି ନାହୁଁ । କିନ୍ତୁ ତତ୍‌ସହିତ ମୋର ଏହି ଆସ୍ଥା ଓ ବିଶ୍ୱାସ ମଧ୍ୟ ରହିଛି ଯେ, ପବିତ୍ର କୁରଆନ୍ କରୀମ୍‌ରୁ ସମସ୍ତ ଧାର୍ମିକ ସମସ୍ୟାର ସମାଧାନ ଏବଂ ସତ୍ୟ ସାବ୍ୟସ୍ତ କରିବା, ପବିତ୍ର କୁରଆନ୍ କରୀମ୍‌ର ବିସ୍ତୃତ ବିବରଣୀର ସଂକ୍ଷିପ୍ତ ଓ ସଠିକ୍ ସାରାଂଶ, ଈଶ୍ୱରଙ୍କ ଇଚ୍ଛାନୁଯାୟୀ ସାମର୍ଥ୍ୟ ଲାଭ ହେବା ପ୍ରତ୍ୟେକ ଶ୍ରମଯୋଗୀ ମୌଲବୀର କାର୍ଯ୍ୟ ନୁହେଁ । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଶକ୍ତି ତଥା ସାମର୍ଥ୍ୟ ପ୍ରଦାନ କରାଯାଇ ନାହିଁ ଯେ, ସେ ପବିତ୍ର କୁରଆନ୍‌ର ବ୍ୟଖ୍ୟା କରୁ ଏବଂ ବିସ୍ତୃତ ବିବରଣୀ ପ୍ରସଙ୍ଗରେ ଆଲୋଚନା କରୁ ତଥା ଗଭୀରକୁ ଯାଇ ଏହାର ଜ୍ଞାନ ଓ ପରିଚୟର ଅତଳ ଗହ୍ୱରେ ଥିବା ମାଣିକ୍ୟଗୁଡ଼ିକୁ କାଢି ଆଣୁ । ବରଂ ଏହା ବିଶେଷ ରୂପେ ସେହି ବ୍ୟକ୍ତିମାନଙ୍କର କାର୍ଯ୍ୟ ଯେଉଁମାନେ ଐଶୀବାଣୀ ମାଧ୍ୟମରେ ଅବତାରତ୍ୱ କିମ୍ବା ସନ୍ଥତ୍ୱ ପ୍ରାପ୍ତ କରି ପ୍ରଭୁଙ୍କ ସାହାଯ୍ୟ ଓ ସମର୍ଥନ ଲାଭ କରିଥାଆନ୍ତି । ସୁତରାଂ ଏପରି ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଯାହାକି ପ୍ରାମାଣ୍ୟ ଉଦ୍ଧାର କରି ଐଶୀ ଏବଂ କୁରଆନୀୟ ପରିଚୟକୁ ଅଣଐଶୀ ପ୍ରାପ୍ତକର୍ତ୍ତା ସିଦ୍ଧ କରିବାକୁ ସକ୍ଷମ ହୋଇ ପାରିବେ ନାହିଁ । ଅତଃ ଏହା ହିଁ ସେହି ସଳଖ ମାର୍ଗ ରହିଛି ଯାହାକି ଅନାଶାତିତ ଓ ଅପ୍ରତ୍ୟାଶିତ ଭାବରେ ପବିତ୍ର କୁରଆନ୍ କରୀମ୍‌ର ରହସ୍ୟକୁ ସିଦ୍ଧ ଓ ଉଦ୍‌ଘାଟିତ କରିବା, ପବିତ୍ର କୁରଆନ୍‌ର ସେହି ସମସ୍ତ ଶିକ୍ଷାକୁ ଯାହାକି ପରମ୍ପରାଗତ ଭାବରେ ବଂଶାନୁଗତ ମାଧ୍ୟମରେ ଆମମାନଙ୍କୁ ପ୍ରାପ୍ତ ହୋଇଅଛି ତାହାକୁ ନିର୍ଦ୍ୱନ୍ଦ୍ୱରେ ସ୍ୱୀକାର କରିନେବା ଉଚିତ ।"

କିନ୍ତୁ ଅଲ୍ଲାଃତାଲା ଯେଉଁ ବ୍ୟକ୍ତିମାନଙ୍କୁ ସାମର୍ଥ୍ୟ ପ୍ରଦାନ କରି ନାହାନ୍ତି, ଜ୍ଞାନ ପ୍ରଦାନ କରି ନାହାନ୍ତି, ପରିଚୟ ପ୍ରଦାନ କରି ନାହାନ୍ତି ସେମାନଙ୍କର ଏହି କାର୍ଯ୍ୟ ଯେ, ଯେଉଁମାନେ ପୂର୍ବ ବ୍ୟାଖ୍ୟାକାର ଅଟନ୍ତି, ଆମମାନଙ୍କର ପୂର୍ବ ଇମାମ୍ ଅଟନ୍ତି, କୁଳବୃଦ୍ଧ ତଥା ବରିଷ୍ଠ ପରୁଷ ଅଟନ୍ତି, ଯେଉଁମାନେ ଧର୍ମପରାୟଣତାର ମାର୍ଗରେ ଚାଲୁଥିଲେ, ଯେଉଁମାନେ ବ୍ୟାଖ୍ୟା ଉଲ୍ଲେଖ କରିଛନ୍ତି ସେମାନଙ୍କୁ ନିଜ ଦୃଷ୍ଟି ସମ୍ମୁଖରେ ରଖନ୍ତୁ, ତା' ପରେ ଏହାକୁ କାର୍ଯ୍ୟାକାରୀ କରନ୍ତୁ । ସେହିପରି ପବିତ୍ର କୁରଆନ୍ କରୀମ୍‌ର ପ୍ରକାଶ୍ୟଗତ ଯେତେ ବିଦ୍ୟା ରହିଛି ତତ୍‌ସଂପର୍କରେ ନିଜ ଆଡୁ ଭ୍ରମାତ୍ମକ ଟୀକା ଟିପ୍ପଣୀ କରିବା ଅପେକ୍ଷା ତାହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଉଦ୍ୟମ କରନ୍ତୁ ।

ହ. ମସିହ୍ ମଉଦ୍ ଅ.ସ କହିଲେ, ଯେଉଁ ଲୋକମାନ ଐଶୀବାଣୀ, ବରିଷ୍ଠ ସନ୍ଥତ୍ୱଙ୍କୁ ପ୍ରକାଶରୁ ପ୍ରକାଶିତ ହୁଅନ୍ ଏବଂ **ଇଲ୍ଲଲ୍ ମୁତହରୁନ୍**ଙ୍କ ଗୋଷ୍ଠୀ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ସେମାନଙ୍କର ଚିରାଚରିତ ଏହି ପ୍ରଥା ରହି ଆସିଛି ଯେ, ବେଳେବେଳେ ସେମାନଙ୍କ ଉପରେ ମଧ୍ୟ ପବିତ୍ର କୁରଆନ୍ କରୀମ୍‌ର ନିଗୁଢ ରହସ୍ୟ ଉନ୍ମୋଚିତ ହୋଇଥାଏ । ଯେଉଁମାନେ ଅଲ୍ଲାଃତାଲାଙ୍କର ବିଶିଷ୍ଟ ଭକ୍ତ ଅଟନ୍ତି ଅଲ୍ଲାଃତାଲା ସେମାନଙ୍କ ଉପରେ ପବିତ୍ର କୁରଆନ୍ କରୀମ୍‌ର ଗୁଢ ରହସ୍ୟ ଉନ୍ମୋଚିତ କରିଥାନ୍ତି । ପବିତ୍ର କୁରଆନ୍ କରୀମ୍ ସେମାନଙ୍କ ଉପରେ ଏକଥା ସାବ୍ୟସ୍ତ କରି ଦିଏ ଯେ, ଆଁହଜରତ ସ.ଅ କୌଣସି ଅତିରିକ୍ତ ଶିକ୍ଷା ପ୍ରଦାନ କରି ନାହାନ୍ତି । କିନ୍ତୁ କେତେକ ଲୋକ କୁହନ୍ତି ଯେ, ହଦିସ୍ ପବିତ୍ର କୁରଆନ୍ କରୀମ ସଂକ୍ରାନ୍ତରେ କେତେକ କଥା ସିଦ୍ଧ କରିଥାଏ । କିନ୍ତୁ ଅଲ୍ଲାଃତାଲା ଯେତେବେଳେ ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନ ଏବଂ ପରିଚୟ ପ୍ରଦାନ କରନ୍ତି ତେବେ ତହିଁରୁ ଏହା ଜ୍ଞାତ ହୁଏ ଯେ, ଆଁହଜରତ ସ.ଅ ପବିତ୍ର କୁରଆନ୍ କରୀମ୍ ବହିର୍ଭୂତ କୌଣସି କଥା ବା କାର୍ଯ୍ୟ କରି ନାହାନ୍ତି କି ଅନ୍ୟ କୌଣସି ପ୍ରସଙ୍ଗ ଉପସ୍ଥାପିତ କରି ନାହାନ୍ତି। ବରଂ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଆହାଦିସେ ସହିହା (ସଠିକ୍ ହଦିସ୍) ଓ ସଂକ୍ଷିପ୍ତତା ତଥା ଇଙ୍ଗିତତା ପବିତ୍ର କୁରଆନ୍‌ର ବିସ୍ତୃତ ବିବରଣୀ ଅଟେ । ଅତଃ ଉକ୍ତ ପରିଚୟକୁ ପ୍ରାପ୍ତ କରିବା ଦ୍ୱାରା ହିଁ ପବିତ୍ର କୁରଆନ୍‌ର ଚମତ୍କାର ସେମାନଙ୍କ ଉପରେ ଉନ୍ମୋଚିତ ହୋଇଯାଇଥାଏ। ହଦିସ୍‌ରେ ଏପରି କେତେକ ଇଙ୍ଗିତ ମିଳେ ଯହିଁରୁ କେତେକ ଆୟତ୍ ସଂପର୍କରେ ବ୍ୟଖ୍ୟାର ପରିଚୟ ମିଳିଥାଏ, ବିସ୍ତୃତ ବିବରଣୀ ମଧ୍ୟ ମିଳିଥାଏ, ପବିତ୍ର କୁରଆନ୍ କରୀମ୍‌ର ବିଷୟବସ୍ତୁ ସେମାନଙ୍କ ଉପରେ ଉନ୍ମୋଚିତ ହୋଇଥାଏ । ହ. ମସିହ୍ ମଉଦ୍ ଅ.ସ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

କୁହନ୍ତି: "ସେହିପରି ଜାଜ୍ୱଲ୍ୟମାନ ଆୟତରୁ ସତ୍ୟତା ଉପରେ ପ୍ରକାଶ ପଡ଼ିଥାଏ ଯେପରିକି ଅଲ୍ଲାଃତାଲା କୁହନ୍ତି, ତିପବିତ୍ର କୁରଆନ୍ କରୀମ୍‌ରେ ଏପରି କୌଣସି ପ୍ରସଙ୍ଗ ନାହିଁ ଯାହାକି ବର୍ଣ୍ଣିତ ହୋଇ ନାହିଁ ।" **(ଅଲ୍‌ହକ୍ ମୁବାହିସା, ଲୁଧିଆନା, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ4-, ପୃ-80-81)**

ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସଙ୍କୁ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଅପୂର୍ବ ଓ ଅଲୌକିକ ଜ୍ଞାନ ଏବଂ ପରିଚୟ ପ୍ରଦାନ କରି ସଂସାରବାସୀଙ୍କ ଉପରେ ଉପକାର କରିଛନ୍ତି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସେହିପରି ଜାଜ୍ୱଲ୍ୟମାନ ଆୟତରୁ ସତ୍ୟତା ଉପରେ ପ୍ରକାଶ ପଡ଼ିଥାଏ ଯେପରିକି ଅଲ୍ଲାଃତାଲା କୁହନ୍ତି, ପବିତ୍ର କୁରଆନ୍ କରୀମ୍‌ରେ ଏପରି କୌଣସି ପ୍ରସଙ୍ଗ ନାହିଁ ଯାହାକି ବର୍ଣ୍ଣିତ ହୋଇ ନାହିଁ ।" **(ଅଲ୍‌ହକ୍ ମୁବାହିସା, ଲୁଧିଆନା, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-4, ପୃ-80-81)**ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସଙ୍କୁ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଅପୂର୍ବ ଜ୍ଞାନ ତଥା ବିଦ୍ୟା ଏବଂ ପରିଚୟ ପ୍ରଦାନ କରି ସଂସାରବାସୀଙ୍କୁ ତତ୍‌ସଂପର୍କରେ ପରିଚିତ କରିବା ନିମନ୍ତେ ପ୍ରେରଣ କରିଛନ୍ତି ।

ମାର୍ଗ ଦର୍ଶନର ପ୍ରାଥମିକ ମାଧ୍ୟମ ଓ ଉତ୍ସ ହେଉଛି ପବିତ୍ର କୁରଆନ୍ କରୀମ୍ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ମୋର ଏହି ସିଦ୍ଧାନ୍ତ ତଥା ଧର୍ମମତ ରହିଛି ଯେ, ଅଲ୍ଲାଃତାଲା ମାର୍ଗଦର୍ଶନ ତଥା ସତ୍‌ମାର୍ଗ ପ୍ରାପ୍ତି ନିମନ୍ତେ ମୁଖ୍ୟତଃ ତିନୋଟି ବସ୍ତୁ ପ୍ରଦାନ କରିଛନ୍ତି ଯଥା; **୧**-ପବିତ୍ର କୁରଆନ୍ କରୀମ୍ ଯହିଁରେ ଏକେଶ୍ୱରବାଦ ଓ ପ୍ରଭୁଙ୍କ ମହାନ ଗାରିମା ତଥା ଐଶୀ ଲୀଳା ବର୍ଣ୍ଣିତ ହୋଇଛି ଏବଂ ଯହିଁରେ ବିଭିନ୍ନ ମତଭେଦର ଫଳାଫଳ ବର୍ଣ୍ଣିତ ହୋଇଛି, ଯାହାକି(ଯେଉଁ ମତଭେଦ) ଇହୁଦୀ ଓ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଘଟିଥିଲା । ଯେପରିକି ଏହି ମତପାର୍ଥକ୍ୟ ଏବଂ ଭ୍ରମ ରହିଛି ଯେ, ହ. ମରିୟମ୍ ଅ.ସଙ୍କ ସୁପୁତ୍ର ଇସା (ଯୀଶୁ) ଙ୍କୁ ଶୂଳି ମାଧ୍ୟମରେ ହତ୍ୟା କରାଯାଇଥିଲା, ସେ ଅଭିଶପ୍ତ ଥିଲେ ଏବଂ ଅନ୍ୟ ଅବତାରାମାନଙ୍କ ପରି ସେ ସ୍ୱର୍ଗାରୋହଣ କରି ନାହାନ୍ତି । ଅର୍ଥାତ ଇହୁଦୀମାନଙ୍କର ଏହି ଅବଧାରଣା ରହିଛି ଯେ, ଅଲ୍ଲାଃତାଲା ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ସାମୀପ୍ୟତା ପ୍ରଦାନ କଲେ ନାହିଁ। ସେହିପରି ପବିତ୍ର କୁରଆନ୍‌ରେ ମଧ୍ୟ ବର୍ଣ୍ଣିତ ହୋଇଛି ଯେ, 'ପ୍ରଭୁଙ୍କ ବ୍ୟତୀତ' ପ୍ରଥମତଃ ଅଲ୍ଲାଃତାଲା ଏହାର ପ୍ରତ୍ୟାଖ୍ୟାନ କରିଦେଲେ ଯେ, ହ. ଇସା ଅ.ସଙ୍କ ଉପରେ ଯେଉଁ ଆରୋପ ତଥା ଲାଞ୍ଛନ ଲାଗିଛି ତାହା ସଂପୂର୍ଣ୍ଣ ରୂପେ ପ୍ରମାଦପୂର୍ଣ୍ଣ ଅଟେ । **୨**-ପବିତ୍ର କୁରଆନ୍ କରୀମ୍ ଏହି କାର୍ଯ୍ୟରୁ ମଧ୍ୟ ବାରଣ କରିଥାଏ ଯେ, ତୁମେମାନେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କର ନାହିଁ । ନା ମନୁଷ୍ୟର, ନା ଜୀବଜନ୍ତୁମାନଙ୍କର, ନା ସୂର୍ଯ୍ୟ ଚନ୍ଦ୍ରଙ୍କର ଓ ନା ହିଁ ତାରକା ତଥା ଅନ୍ୟ କୌଣସି ଗ୍ରହ ନକ୍ଷତ୍ରମାନଙ୍କର, ନା ବସ୍ତୁର ଓ ନା ହିଁ ନିଜର ଆତ୍ମାର ଉପାସନା କରିବାକୁ କୁହଯାଇଛି । ପବିତ୍ର କୁରଆନ୍ କରୀମ୍‌ରେ ପ୍ରତ୍ୟେକ ପ୍ରକାରର ଶିର୍କ ଠାରୁ ଦୂରେଇ ରହିବା ନିମନ୍ତେ ଅଲ୍ଲାଃତାଲା ବାରଣ କରିଛନ୍ତି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅତଃ ତୁମେମାନେ ସାବଧାନ ହୋଇଯାଅ ଏବଂ ପ୍ରଭୁଙ୍କ ଶିକ୍ଷା ଏବଂ ପବିତ୍ର କୁରଆନ୍‌ର ମାର୍ଗଦର୍ଶନ ବିରୁଦ୍ଧୀୟ ଗୋଟିଏ ପାଦ ମଧ୍ୟ ଆଗକୁ ବଢାଅ ନାହିଁ । ମୁଁ ତୁମକୁ ସତ ସତ କହୁଛି ଯେ, ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌ର ୭୦୦ ଆଦେଶାବଳୀ ମଧ୍ୟରୁ ଗୋଟିଏ ସାଧାରଣ ଆଦେଶର ମଧ୍ୟ ଅବଜ୍ଞା ପ୍ରଦର୍ଶନ କରେ ତେବେ ସେହି ବ୍ୟକ୍ତି ସ୍ୱହସ୍ତରୁ ମୋକ୍ଷର ଦ୍ୱାର ନିଜ ପାଇଁ ବନ୍ଦ କରିଥାଏ । ପ୍ରକୃତ ଓ ସଂପୂର୍ଣ୍ଣ ମୋକ୍ଷର ମାର୍ଗ ପବିତ୍ର କୁରଆନ୍ କରୀମ୍ ଉନ୍ମୁକ୍ତ କରିଛି ଓ ଅନ୍ୟ ସମସ୍ତ ଧର୍ମ ଗ୍ରନ୍ଥର ଶିକ୍ଷା ଏହାର ଛାୟା ଅଟନ୍ତି । ଅତଏବ ତୁମେମାନେ ପବିତ୍ର କୁରଆନ୍ କରୀମ୍‌କୁ ଧ୍ୟାନ ପୂର୍ବକ ପାଠ କର ।" ପବିତ୍ର କୁରଆନ୍ କରୀମକୁ ଏତେ ଭଲପାଅ ଯେ, ଏହିପରି ପ୍ରେମ ତୁମେ ଅନ୍ୟ କାହା ସହିତ କରି ନଥିବ । ଯେପରିକି ଅଲ୍ଲାଃତାଲା ମୋତେ ସମ୍ବୋଧିତ କରି ତଥା ଐଶୀବାଣୀ କରି କହିଲେ, ଅଲ୍ ଖୈରୁ କୁଲ୍ଲୁହୁ ଫିଲ୍ କୁରଆନି । ଅର୍ଥାତ ସକଳ ପ୍ରକାରର ମଙ୍ଗଳ ଓ କଲ୍ୟାଣ ପବିତ୍ର କୁରଆନ୍‌ରେ ହିଁ ନିହିତ ରହିଛି । ଏହା ହିଁ ନିରାଟ ସତ୍ୟ ଅଟେ । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକିଯେ, ଲୋକମାନେ ପବିତ୍ର କୁରଆନ୍ କରୀମ ତୁଳନାରେ ଅନ୍ୟ ପ୍ରସଙ୍ଗକୁ ପ୍ରାଧାନ୍ୟ ଦିଅନ୍ତି । ଆପଣ ଅ.ସ କୁହନ୍ତି, ତୁମମାନଙ୍କର ସମସ୍ତ ସଫଳତା ଓ ମୋକ୍ଷର ନିର୍ଝର ପବିତ୍ର କୁରଆନ୍ କରୀମ ଅଟେ । ଏପରି କୌଣସି ଆବଶ୍ୟକତା ନାହିଁ ଯାହା ପବିତ୍ର କୁରଆନ୍ କରୀମ୍ ମଧ୍ୟରେ ଦେଖିବାକୁ ନାହିଁ । ତୁମ ବିଶ୍ୱାସର ପୁଷ୍ଟିକର୍ତ୍ତା ଏବଂ ପ୍ରତ୍ୟାଖ୍ୟାନକାରୀ ପ୍ରଳୟ ଦିବସ ଦିନ ପବିତ୍ର କୁରଆନ୍ କରୀମ୍ ହେବ। ସେହିପରି ଧରାପୃଷ୍ଠରେ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମଗ୍ରନ୍ଥ ନାହିଁ ଯିଏ ତୁମମାନଙ୍କୁ ପବିତ୍ର କୁରଆନ୍ କରୀମ୍ ତୁଳନାରେ ଶୀଘ୍ର ମାର୍ଗଦର୍ଶନ ପ୍ରଦାନ କରିପାରିବ । ସୁତରାଂ ମାର୍ଗଦର୍ଶନ ପ୍ରାପ୍ତ କରିବା ନିମନ୍ତେ ଧାର୍ମିକ ମାର୍ଗଦର୍ଶନ ସକାଶେ ପବିତ୍ର କୁରଆନ୍‌ର ମାଧ୍ୟମ ଏକାନ୍ତ ଅପରିହାର୍ଯ୍ୟ । ଯେଉଁ ବ୍ୟକ୍ତି ଓ ଯେଉଁ ସଂପ୍ରଦାୟର ଏହିଭଳି ଚିନ୍ତାଧାର ଥିବ, ତେବେ ସେ ନିଜର ଅନୁଗାମୀମାନଙ୍କୁ ଏହିପରି ଉପଦେଶ କରୁ, କ'ଣ ସେହି ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌ରେ କୌଣସି ପ୍ରକାରର ପରିବର୍ତ୍ତନ କରିପାରିବ କି ?

ଆପଣ ଅ.ସ ପନଶ୍ଚ କୁହନ୍ତି: "ଅଲ୍ଲାଃତାଲା ତୁମ ଉପରେ ଏହି ମହୋପକାର କରିଛନ୍ତି ଯେ, ସେ ତୁମମାନଙ୍କୁ ପବିତ୍ର କୁରଆନ୍ ପରି ମହା ପୁଣ୍ୟଗ୍ରନ୍ଥ ପ୍ରଦାନ କରିଛନ୍ତି । ମୁଁ ତୁମମାନଙ୍କୁ ସତ ସତ କହୁଛି ଯେ, ସେହି ପୁସ୍ତକ ଯାହାକି ତୁମମାନଙ୍କ ଉପରେ ଅବତୀର୍ଣ୍ଣ ହେଲା ତାହା ଯଦି ଖ୍ରୀଷ୍ଟମାନଙ୍କ ଉପରେ ଅବତୀର୍ଣ୍ଣ ହୋଇଥାଆନ୍ତା ତାହାହେଲେ ସେମାନଙ୍କର ବିନାଶ ହୋଇ ନଥାଆନ୍ତା। ଏହି ଅବଦାନ ଏବଂ ପୁରସ୍କାର ଯାହାକି ତୁମମାନଙ୍କୁ ପ୍ରଦାନ କରାଯାଇଛି ତାହା ଯଦି ତୌରାତ୍ ଧର୍ମବଲମ୍ବୀ ଅର୍ଥାତ ଇହୁଦୀମାନଙ୍କୁ ଦିଆଯାଇ ଥାଆନ୍ତା ତେବେ କେତେକ ସଂପ୍ରଦାୟମାନେ ପ୍ରଳୟ ଦିବସର ପ୍ରତ୍ୟାଖ୍ୟାନକାରୀ ହୋଇଯାଇ ଥାଆନ୍ତେ । ଅତଏବ୍ ତୁମେମାନେ ପ୍ରଭୁଙ୍କ ଦ୍ୱାରା ପ୍ରଦତ୍ତ ପୁରସ୍କାର ପ୍ରତି ଅସମ୍ମାନ ପ୍ରଦର୍ଶନ କର ନାହିଁ । ବରଂ ସମ୍ମାନ ପ୍ରଦର୍ଶନ କର । କାରଣ ଏହା ଅତ୍ୟନ୍ତ ସୁନ୍ଦର ପୁରସ୍କାର ଓ ମହାରତ୍ନ ଅଟେ । ଯଦି ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହୋଇ ନ ଥାଆନ୍ତା ତେବେ ସମସ୍ତ ସଂସାର ଏକ ଅପରିଷ୍କାର ଓ ଅଶୁଦ୍ଧ ମାଂସପିଣ୍ଡ ତଥା ରକ୍ତପିଣ୍ଡ ପରି ଥିଲା । ପବିତ୍ର କୁରଆନ୍ କରୀମ୍ ହେଉଛି ସେହି ଧର୍ମଗ୍ରନ୍ଥ ଯାହା ତୁଳନାରେ ଅନ୍ୟ ସମସ୍ତ ମାର୍ଗଦର୍ଶକ ତୁଚ୍ଛ ଓ ମୂଲ୍ୟହୀନ ଅଟେ ।

ଇଞ୍ଜିଲ୍ ଧର୍ମଗ୍ରନ୍ଥକୁ ଆଣିଥିବା ସେହି ପବିତ୍ର ଆତ୍ମା ଥିଲା ଯେକି ପାରା ଆକୃତିରେ ପ୍ରକଟିତ ହୋଇଥିଲା । ଏହି ପାରା ଏକ ଦୁର୍ବଳ ଓ ନିରୀହ ପକ୍ଷୀଟିଏ ଅଟେ । ଅର୍ଥାତ ଜିବ୍ରାଇଲ୍ ଅ.ସ ପକ୍ଷୀର ରୂପ ଧାରଣ କରି ହ. ଇସା ଅ.ସଙ୍କ ପାଖକୁ ଆସିଥିଲେ । ପାରା ଏକ ଦୁର୍ବଳ ପିକ୍ଷୀଟିଏ ଯାହାକୁ ବିରାଡ଼ି ମଧ୍ୟ ଅତି ସହଜରେ ନିଜର ଶିକାର କରିପାରିବ । ଅତଃ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଦିନକୁ ଦିନ ଦୁର୍ବଳର ଗର୍ତ୍ତ ମଧ୍ୟରେ ଖସି ପଡ଼ିଲେ । ଫଳତଃ ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକତା ଆଉ ବାକି ରହିଲା ନାହିଁ । ବର୍ତ୍ତମାନ ସେମାନଙ୍କର ଏହି ଅବସ୍ଥା ରହିଛି ଓ ଯେଉଁ ପରିସଂଖ୍ୟାନ ସମ୍ମୁଖକୁ ଆସିଛି ଯେ, ଖ୍ରୀଷ୍ଟ ଧର୍ମର ଅଧିକାଂଶ ଲୋକ ଖ୍ରୀଷ୍ଟ ଧର୍ମକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ତେଣୁ ସେମାନଙ୍କୁ ଆଧ୍ୟାତ୍ମିକତା ପ୍ରାପ୍ତ ହେଉ ନାହିଁ । ମୁସଲମାନମାନଙ୍କର ଦୁର୍ଭାଗ୍ୟ ଏହା ଯେ, ସେମାନଙ୍କନିକଟରେ ପବିତ୍ର କୁରଆନ୍ କରୀମ୍ ରହିଛି । କିନ୍ତୁ ସେମାନେ ଏହା ଉପରେ କାର୍ଯ୍ୟାନୁସରଣ ନକରିବା ଫଳରେ ଆଧ୍ୟାତ୍ମିକତା ଠାରୁ ଲାଭାନ୍ୱିତ ହୋଇପାରୁ ନାହାନ୍ତି । ଅଲ୍ଲାଃତାଲା ଯେଉଁ ବ୍ୟକ୍ତିକୁ ପବିତ୍ର କୁରଆନ୍ କରୀମ୍‌ର ପରିଚୟ ତଥା ଜ୍ଞାନର ପରିପ୍ରସାର ନିମନ୍ତେ ପ୍ରେରଣ କରିଛନ୍ତି ।''ତା'କୁ ସେମାନେ ଅସ୍ୱୀକାର କରୁଛନ୍ତି।''କାରଣ ସେମାନଙ୍କର ସମସ୍ତ ବିଶ୍ୱାସ ପାରା ଉପରେ ନିର୍ଭରଶୀଳ ଥିଲା। ପବିତ୍ର କୁରଆନ୍ କରୀମ୍‌ର ପବିତ୍ର ଆତ୍ମା ସେହି ଭବ୍ୟ ଏବଂ ମହାନ୍ ଆକୃତିରେ ପ୍ରକଟିତ ହୋଇଥିଲା ଯିଏ ପାତାଳଲୋକ ଠାରୁ ଆରମ୍ଭ କରି ଆକାଶ ଲୋକ ପର୍ଯ୍ୟନ୍ତ ନିଜର ଅସ୍ତିତ୍ୱ ଠାରୁ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman,
Jamat Ahmadiya Karadapalli (Odisha)

ସମସ୍ତ ଭୂମି ଓ ଆକାଶକୁ ପରିପୂର୍ଣ୍ଣ କରି ଦେଇଥିଲା । ଅତଃ କାହିଁ ସେ ପାରା ଓ କାହିଁ ଏହି ମହା ପ୍ରଭା (ପ୍ରକାଶ) ଯାହାର ଚର୍ଚ୍ଚା ପବିତ୍ର କୁରଆନ୍ କରୀମ୍‌ରେ ଚର୍ଚ୍ଚା ହୋଇଛି । "

ପବିତ୍ର କୁରଆନ୍ କରୀମ୍ ଗୋଟିଏ ସପ୍ତାହ ମଧ୍ୟରେ ମନୁଷ୍ୟକୁ ପବିତ୍ର କରିପାରେ । ଯଦି ସଠିକ୍ ଭାବରେ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରାଯାଏ ତେବେ ଗୋଟିଏ ସପ୍ତାହ ମଧ୍ୟରେ ପବିତ୍ର କୁରଆନ୍ ମନୁଷ୍ୟକୁ ପବିତ୍ର କରିପାରିବ । ଯଦି ପ୍ରକାଶ୍ୟଗତ ଅର୍ଥ କିମ୍ବା ଅର୍ଥଗତ ଆପତ୍ତି ନଥିବ ଏବଂ ଯଦି ତୁମେ ସ୍ୱୟଂ ତହିଁରୁ ପଳାୟନ ନକର ତେବେ ପବିତ୍ର କୁରଆନ୍ କରୀମ୍ ତୁମମାନଙ୍କୁ ଅବତାରମାନଙ୍କ ପରି ଗଢି ପାରିବ । ଅର୍ଥାତ ସଂପୂର୍ଣ୍ଣ ରୂପେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ଓ ତା'ର ପ୍ରତ୍ୟେକ ଆଦେଶାବଳୀକୁ ପାଳନ କରାଯାଏ ତେବେ ମନୁଷ୍ୟ ଅବତାରମାନଙ୍କର ରଙ୍ଗରେ ରଙ୍ଗାୟିତ ହୋଇପାରିବ । ଏହା ଅତ୍ୟନ୍ତ ଚୂଡ଼ାନ୍ତ ସ୍ଥାନ ଅଟେ ଯାହିଁରୁ ମନୁଷ୍ୟ ପବିତ୍ର କୁରଆନ୍ କରୀମ୍‌ର କଲ୍ୟାଣରୁ ଉପକୃତ ହୋଇପାରିବ ।

ଆପଣ ଅ.ସ କହୁନ୍ତି "ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମଗ୍ରନ୍ଥର ପ୍ରାରମ୍ଭରେ ଧର୍ମଗ୍ରନ୍ଥ ପାଠକାରୀମାନଙ୍କୁ ଏହା ଦୁଆ କରିବାକୁ ଶିକ୍ଷା ପ୍ରଦାନ କରି ନାହିଁ ଓ ଏହି ଆଶା ତଥା ଆଶ୍ୱାସନା ଦିଏ ଯେ, "**ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍- ସିରାତଲ୍ ଲଜିନା ଅନଅମତା ଅଲୈହିମ୍** "(**ଅଲ୍ ଫାତିହା: 6,7**) ଅର୍ଥାତ ହେ ପ୍ରଭୁ ! ତୁମ୍ଭେ ଆମ୍ଭମାନଙ୍କୁ ସରଳ ମାର୍ଗରେ ପରିଚାଳିତ କରାଅ ଯେପରିକି ପୂର୍ବେ ତୁମେ ନିଜର ଅବାତାର, ସତ୍ୟବାଦୀ, ଶହୀଦମାନଙ୍କୁ ସରଳ ତଥା ସଳଖ ମାର୍ଗରେ ପରିଚାଳିତ କରାଇ ପୁରସ୍କୃତ କରିଥିଲ ।" ସୁତରାଂ ତୁମେମାନେ ନିଜର ସତ୍‌ସାହସକୁ ବୃଦ୍ଧି କର ଓ ପବିତ୍ର କୁରଆନ୍ କରୀମ୍‌ର ଦାବିକୁ କଦାପି ଖଣ୍ଡନ କର ନାହିଁ । କାରଣ ପବିତ୍ର କୁରଆନ୍ କରୀମ୍ ତୁମମାନଙ୍କୁ ପୁରସ୍କୃତ କରିବାକୁ ଚାହୁଁଛି ଯାହାକି ସେ ପୂର୍ବ ପୁରୁଷଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରିଥିଲା। **(କିଶ୍‌ତି ନୁହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ -19, ପୃ-26-27)**

ସେହିପରି ପବିତ୍ର କୁରଆନ୍ କରୀମ୍ ପରେ ମାର୍ଗଦର୍ଶନର ସୋପାନ ହେଉଛି ସୁନ୍ନତ୍ ନବୱୀ । ଅର୍ଥାତ ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରଚଳିତ ପ୍ରଥା । ମାର୍ଗଦର୍ଶନର ତୃତୀୟ ମାଧ୍ୟମ ହେଉଛି ହଦିସ୍ । କାରଣ ହଦିସ୍ ବହୁ ବର୍ଷ ପରେ ନୁହେଁ ବରଂ ଶହ ଶହ ବର୍ଷପରେ ଆସିଥିଲା । କିନ୍ତୁ ହଦିସ୍ ସୁନ୍ନତ୍ ଓ ପବିତ୍ର କୁରଆନ୍ କରୀମ୍ ବିରୁଦ୍ଧୀୟ ହେବା ଅନୁଚିତ ।

ପବିତ୍ର କୁରଆନ୍ କରୀମ୍ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପ୍ରତି ଦୃଷ୍ଟି ଆକର୍ଷଣ କରି ଆପଣ ଅ.ସ କୁହନ୍ତି: "ଯେଉଁ ଲୋକମାନେ ପବିତ୍ର କୁରଆନ୍ କରୀମ୍‌କୁ ସମ୍ମାନ ଦେବେ ସେମାନେ ଆକାଶ ଲୋକରେ ସମ୍ମାନ ପାଇବେ ।" ତତ୍‌ସଂପର୍କରେ ଅତିରିକ୍ତ ଚର୍ଚ୍ଚା କରି ଆପଣ ଅ.ସ କୁହନ୍ତି: "ତୁମ ନିମନ୍ତେ ଏକ ଆବଶ୍ୟକୀୟ ଶିକ୍ଷା ଏହିକି ଯେ, ତୁମେମାନେ ପବିତ୍ର କୁରଆନ୍‌କୁ ବିରହଗ୍ରସ୍ତ ହୋଇ ପରିତ୍ୟାଗ କରିଦିଅ ନାହିଁ । କାରଣ ତୁମମାନଙ୍କର ଜୀବନ ତହିଁରେ ହିଁ ଅନ୍ତର୍ନିହିତ ରହିଛି । ଯେଉଁ ଲୋକମାନେ ପବିତ୍ର କୁରଆନ୍ ପ୍ରତି ସମ୍ମାନ ତଥା ନିଷ୍ଠା ପ୍ରଦର୍ଶନ କରିବେ ତେବେ ଅଲ୍ଲାଃତାଲା ସେମାନଙ୍କୁ ଆକାଶଲୋକରେ (ଅର୍ଥାତ ବୈକୁଣ୍ଠପୁରରେ) ମଧ୍ୟ ସମ୍ମାନ ପ୍ରଦାନ କରିବେ । ପବିତ୍ର କୁରଆନ୍ କରୀମ୍‌ରୁ ସଂପୂର୍ଣ୍ଣ ରୂପେ ପୃଥକ ହୋଇଯାଅ ନାହିଁ । ଏହା ଉପରେ କାର୍ଯ୍ୟାନୁସରଣ କରିବା ସଂପୂର୍ଣ୍ଣ ରୂପେ ପରିହାର କର ନାହିଁ । ଏହାକୁ ନିୟମିତ ରୂପେ ପାଠ କର, ଏହାର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କର । ଯେଉଁ ଲୋକମାନେ ପବିତ୍ର କୁରଆନ୍ ପ୍ରତି ସମ୍ମାନ ତଥା ନିଷ୍ଠା ପ୍ରଦର୍ଶନ କରିବେ ତେବେ ଅଲ୍ଲାଃତାଲା ସେମାନଙ୍କୁ ଆକାଶଲୋକରେ ସମ୍ମାନ ପ୍ରଦାନ କରିବେ । ଯେଉଁ ଲୋକମାନେ ନିଜର ପ୍ରତ୍ୟେକ କଥନ ତଥା ହଦିସ୍ ଉପରେ ପବିତ୍ର କୁରଆନ୍ କରୀମ୍‌କୁ ପ୍ରାଧାନ୍ୟ ଦେବେ ସେମାନଙ୍କୁ ଆକାଶ ଲୋକରେ ମଧ୍ୟ ପ୍ରାଧାନ୍ୟ ଦିଆଯିବ । ମାନବ ଜାତି ନିମନ୍ତେ ଧରାପୃଷ୍ଠରେ ବର୍ତ୍ତମାନ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମଗ୍ରନ୍ଥ ନାହିଁ । ସମସ୍ତ ଆଦମ୍‌ଙ୍କ ପୁତ୍ରଙ୍କ (ଅର୍ଥାତ ମାନବ ଜାତି) ପାଇଁ ବର୍ତ୍ତମାନ ହ. ମୁହମ୍ମଦ ସ.ଅଙ୍କ ବ୍ୟତୀତ ଆଉ କୌଣସି ରସୁଲ୍ ଓ ସୁପାରିଶକାରୀ ନାହାନ୍ତି । ତେଣୁ ତୁମେମାନେ ଏହି ଉଦ୍ୟମ କର ଯେ, ତୁମେମାନେ ପ୍ରକୃତ ପ୍ରେମ ସେହି ବୈଭବ୍ୟ ତଥା ମର୍ଯ୍ୟାଦାସମ୍ପନ୍ନ ଅବତାରଙ୍କୁ କର । ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବା ବସ୍ତୁକୁ ଶ୍ରେଷ୍ଠତା ଦିଅ ନାହିଁ । କାରଣ ତୁମେମାନେ ମୋକ୍ଷ ପ୍ରାପ୍ତକର୍ତ୍ତା ବ୍ୟକ୍ତି ରୂପେ ପରିଗଣିତ ହେବ । ମନେରଖ ! ମୋକ୍ଷ କହିଲେ ଏହା ନୁହେଁ ଯେ, ତାହା ମୃତ୍ୟୁ ପରେ ପ୍ରାପ୍ତ ହେବ । ବରଂ ପ୍ରକୃତ ମୋକ୍ଷ କହିଲେ ଏହା ବୁଝାଏ ଯେ, ଏହି ସଂସାରରେ ନିଜର ଆଲୋକ ଦେଖାଇଥାଏ ।"

ହୁଜୁର ଅଏନ୍ ଅ.ବ କହିଲେ ବିଶ୍ୱାସରେ ଏପରି ସୁଦୃଢ଼ତା ହୋଇଥାଏ ଯେ, ଇହ ଜଗତରେ ମନୁଷ୍ୟ ଉପରେ ଏହାର ପ୍ରକାଶ ପ୍ରକାଶିତ ହୋଇଥାଏ। ପ୍ରତ୍ୟେକ ପ୍ରକାରର ଅନ୍ଧକାରର ମୁକାବିଲା କରିବା ନିମନ୍ତେ ମନୁଷ୍ୟ ପ୍ରସ୍ତୁତ ହୋଇଯାଇଥାଏ । ଏହାର ସଦ୍ୟତମ ଉଦାହରଣ ଆମେମାନେ ବିଗତ ଦିନ ବୁର୍କିନାଫାସୋର ଶହୀଦ ହୋଇଥିବା ଭାଇମାନଙ୍କ ଠାରୁ ପାଇଥାଉ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ମୋକ୍ଷ ପ୍ରାପ୍ତକାରୀ କିଏ ? ମୋକ୍ଷ ପ୍ରାପ୍ତକାରୀ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ଏହି ବିଶ୍ୱାସ ରଖେ ଯେ, ଈଶ୍ୱର ସତ୍ୟ ଓ ସାର୍ଥକ ଅଟନ୍ତି ଓ ହ. ମୁହମ୍ମଦ ସ.ଅ ଈଶ୍ୱରଙ୍କ ନିକଟରେ ଏବଂ ସମସ୍ତ ମାନବଜାତି ମଧ୍ୟରେ ସୁପାରିଶକାରୀ ବ୍ୟକ୍ତି ଅଟନ୍ତି । ଆକାଶ ତଳେ ତାଙ୍କ ଭଳି ମର୍ଯ୍ୟାଦା ସମ୍ପନ୍ନ ଅନ୍ୟ କୌଣସି ପୁରୁଷ ଓ ବାର୍ତ୍ତାବହ ନା ଅଛନ୍ତି ଓ ନା ହେବେ। ସେହିପରି ନା ହିଁ ପବିତ୍ର କୁରଆନ୍ କରୀମ ପରି ସମସ୍ତରୀୟ ଅନ୍ୟ କୌଣସି ଧର୍ମଗ୍ରନ୍ଥ ହୋଇପାରିବ । କୌଣସି ବ୍ୟକ୍ତି ପାଇଁ ପ୍ରଭୁ ଏହା ଚାହିଁ ନାହାନ୍ତି ଯେ, ଜୀବିତ ରହୁ । କିନ୍ତୁ ଆମ୍ଭର ପ୍ରିୟ ଈଶ୍ୱରଙ୍କ ଦ୍ୱାରା ମନୋନୀତ ଅବତାର (ହ. ମୁହମ୍ମଦ ସ.ଅ) ସର୍ବଦା ପାଇଁ ଜୀବିତ ଅଛନ୍ତି ।" **(କିଶ୍‌ତି ନୁହ୍, ରୁହାନୀ ଖଜାଏନ୍, ଗ୍ରନ୍ଥ ଖଣ୍ଡ-19, ପୃ-13-14)**

ସେହିପରି ଆମମାନଙ୍କ ଉପରେ ଯେଉଁ ଲାଞ୍ଛନ ଆରୋପଣ କରାଯାଏ ଯେ, ଆମେମାନେ କୁଆଡ଼େ ନାଉଜୁ ବିଲ୍ଲାଃ (ପ୍ରଭୁଙ୍କ ଶରଣାପନ୍ନ ଭିକ୍ଷା କରୁଛୁ) ଆଁହଜରତ ସ.ଅଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରୁଛେ । ପୁନଶ୍ଚ ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଖାତମୁଲ୍ କୁତୁବ (ସର୍ବ ଶ୍ରେଷ୍ଠ ଚୂଡାନ୍ତ ଧର୍ମଗ୍ରନ୍ଥ) ହେବା ସଂକ୍ରାନ୍ତରେ କୁହନ୍ତି: ଆଁହଜରତ ସ.ଅ ଖାତମୁନ୍ ନବୀୟିନ୍ (ନବୀ ଶ୍ରେଷ୍ଠ ଓ ନବୀ ଶିରୋମଣି ଅଟନ୍ତି) ଓ ପବିତ୍ର କୁରଆନ୍ କରୀମ୍ ହେଉଛି ଖାତମୁଲ୍ କୁତୁବ୍ (ଚୂଡ଼ାନ୍ତ ସର୍ବଶ୍ରେଷ୍ଠ ଧର୍ମଗ୍ରନ୍ଥ) । ବର୍ତ୍ତମାନ ଆଉ କୌଣସି କଲ୍‌ମା ଓ ଅନ୍ୟ କୌଣସି ନମାଜ୍ ହୋଇ ପାରିବ ନାହିଁ । ଆଁହଜରତ ସ.ଅ ଯାହା କିଛି କହିଲେ ଓ ଯାହା କରି ଦେଖାଇଛନ୍ତି, ତାହାକୁ ବାଦ୍‌ଦେଲେ ମୋକ୍ଷ ପ୍ରାପ୍ତି ଆଦୌ ସମ୍ଭବପର ନୁହେଁ। ଯେଉଁ ବ୍ୟକ୍ତି ଏହାକୁ ପରିତ୍ୟାଗ କରେ ସେ ନର୍କଗାମୀ ହେବ । ଏହା ହେଉଛି ମୋର ସିଦ୍ଧାନ୍ତ ଏବଂ ଆସ୍ଥା। କିନ୍ତୁ ତତ୍‌ସହିତ ଏହା ମଧ୍ୟ ସ୍ମରଣ ରଖିବା ଉଚିତ ଯେ, ଉକ୍ତ ସଂପ୍ରଦାୟ ନିମନ୍ତେ ଐଶୀ ସମ୍ବୋଧନ ଏବଂ ବାର୍ତ୍ତାଳାପର ଦ୍ୱାର ଉନ୍ମୁକ୍ତ ରହିଛି । ଅଲ୍ଲାଃତାଲା ନିଜର ମନୋନୀତ ଭକ୍ତଙ୍କ ସହିତ ବାର୍ତ୍ତାଳାପ ହୁଅନ୍ତି। ଏହି ଦ୍ୱାରଟି ସବୁବେଳ ପାଇଁ ଉନ୍ମୁକ୍ତ ହୋଇ ରହିଛି କେବେ ବନ୍ଦ ହେବ ନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ପବିତ୍ର କୁରଆନ୍ କରୀମ୍‌ର ଏହି ଦ୍ୱାର ତାହାର ସତ୍ୟତା ଏବଂ ଆଁହଜରତ ସ.ଅଙ୍କ ସତ୍ୟତା ଉପରେ ସର୍ବଦା ସାକ୍ଷ୍ୟ ପ୍ରଦାନ କରିଥାଏ। ଏଥିପାଇଁ ଅଲ୍ଲାଃତାଲା ସୁରାଃ ଫାତିହାରେ ଏହି ଦୁଆ ଶିଖାଇଲେ ଯେ, : "**ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍- ସିରାତଲ୍ ଲଜିନା ଅନଅମତା ଅଲୈହିମ୍**"(**ଅଲ୍ ଫାତିହା-6-7**) ପୁନଶ୍ଚ **ଅନଅମତା ଅଲୈହିମ୍**ର ମାର୍ଗ ସକାଶେ ଯେଉଁ ପ୍ରାର୍ଥନା ଶିଖାଇଛନ୍ତି ତହିଁରେ ଅବତାରମାନଙ୍କର ପୂର୍ଣ୍ଣତ୍ୱ ପ୍ରାପ୍ତି ସକାଶେ ଇଙ୍ଗିତ କରିବାରୁ ଏହା ପ୍ରକାଶ୍ୟ ଯେ, ଅବତାରମାନଙ୍କୁ ଯେଉଁ ପୂର୍ଣ୍ଣତ୍ୱ ପ୍ରଦାନ କରାଗଲା ତାହା ଐଶୀ ପରିଚୟର ହିଁ ବିଶେଷତା ଥିଲା । ଏହି ପୁରସ୍କାର ସେମାନଙ୍କୁ ବାର୍ତ୍ତାଳାପ ଏବଂ ସମ୍ବୋଧନ ଦ୍ୱାରାରୁ ପ୍ରାପ୍ତ ହୋଇଥିଲା । ତୁମେମାନେ ସେହି ପୁରସ୍କାରର ଅଭିଳାଷୀ ହୁଅ । ସୁତରାଂ ଉକ୍ତ ପୁରସ୍କାର ପାଇଁ ଏହା ଭାବ ଯେ, ପବିତ୍ର କୁରଆନ୍ କରୀମ୍ ତ' ଏହି ଦୁଆ କରିବା ପ୍ରତି ମାର୍ଗଦର୍ଶନ କରିଥାଏ (ଅର୍ଥାତ ଉପରୋକ୍ତର ଦୁଆ) । କିନ୍ତୁ ଏହାର ଫଳ କିଛି ବି ଦେଲେ ନାହିଁ କିମ୍ବା ଏହି ଧର୍ମର କୌଣସି ସଦସ୍ୟକୁ ମଧ୍ୟ ଏହି ସାମର୍ଥ୍ୟ ତଥା ସୌଭାଗ୍ୟ ଅର୍ଜନ ହୋଇପାରିବ ନାହିଁ ଯେ, ସେମାନେ ନବୀ ହୋଇପାରିବେ । ଆମେମାନେ ତ' ଏହି ଦୁଆ କରିଥାଉ । କିନ୍ତୁ ଅପର ପକ୍ଷେ ଇସ୍‌ଲାମ୍ ଧର୍ମର ଲକ୍ଷ୍ୟ ମଧ୍ୟରୁ ପ୍ରମୁଖ ପ୍ରସଙ୍ଗ ଏହା ରହିଥିଲା ଯେ, ମନୁଷ୍ୟ କେବଳ ତୁଣ୍ଡରୁ ଏକେଶ୍ୱରବାଦ ଉକ୍ତିର ଉଚ୍ଚାରଣ ନକରୁ । ବରଂ ବାସ୍ତବରେ ଏହାକୁ ହୃଦୟଙ୍ଗମ କରୁ ଏବଂ କେବଳ ସ୍ୱର୍ଗ ଓ ନର୍କ ଉପରେ କାଳ୍ପନିକ ବିଶ୍ୱାସ ନକରି ବାସ୍ତବ ଜୀବନର ସେହି ଅବସ୍ଥା ସଂପର୍କରେ ଅବଗତ ହୋଇଯାଉ ତଥା ସେହି ପାପରୁ ଯହିଁରେ ଅସଭ୍ୟ ବ୍ୟକ୍ତିମାନେ ପ୍ରପୀଡ଼ିତ ଅଛନ୍ତି ତହିଁରୁ ମନୁଷ୍ୟ ଉଦ୍ଧାର ପାଉ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଏହା ହିଁ ଇସ୍‌ଲାମ୍ ଧର୍ମର ମହାନ୍ ଉଦ୍ଦେଶ୍ୟ ଥିଲା ଓ ରହିଛି । ଏହା ଏପରି ପବିତ୍ର ଉଦ୍ଦେଶ୍ୟ ଯେ, ଅନ୍ୟ କୌଣସି ଜାତି ତାହାର ଦୃଷ୍ଟାନ୍ତ ନିଜ ଧର୍ମରୁ ଉପସ୍ଥାପିତ କରିପାରିବ ନାହିଁ।

ଗୋଟିଏ ପକ୍ଷେ ଅଲ୍ଲାଃତାଲା ଏହି ଦୁଆ କରିବା ପାଇଁ ମୁସଲମାନମାନଙ୍କୁ ଶିକ୍ଷା ଦେଲେ ସେମାନେ ଇହ୍‌ଦିନସ୍ ସିରାତଲ୍ ମସ୍ତକିମ୍‌ର ଦୁଆ କରନ୍ତୁ । କିନ୍ତୁ ଅପରପକ୍ଷେ ସେହି ଅବତାରତ୍ୱର ମର୍ଯ୍ୟାଦା ମୁସଲମାନମାନେ ପ୍ରାପ୍ତ କରି ପାରିବେ ନାହିଁ । ଏହା ବଡ଼ ବିଚିତ୍ର କଥା। କୌଣସି ବ୍ୟକ୍ତିକୁ ମଧ ଉକ୍ତ ମର୍ଯ୍ୟାଦା (ଅର୍ଥାତ) ଅବତାରତ୍ୱର ମର୍ଯ୍ୟାଦା ପ୍ରାପ୍ତ ହୋଇପାରିବ ନାହିଁ । ଏହି ଧର୍ମରେ ଜଣେ ହେଲେ ଏପରି ବ୍ୟକ୍ତି ନାହିଁ ଯିଏ ଅବତାରତ୍ୱର ମର୍ଯ୍ୟାଦା ପ୍ରାପ୍ତ କରିପାରିବ। ପୁନଶ୍ଚ ପ୍ରଳୟ ଦିବସ ପର୍ଯ୍ୟନ୍ତ ଉକ୍ତ ଦ୍ୱାର (ଅବତାରତ୍ୱର ଦ୍ୱାର) ରୁଦ୍ଧ (ବନ୍ଦ) ହୋଇଗଲା। ତେଣୁ ତୁମେମାନେ କୁହ ଯେ, ଏଥିରୁ ଇସ୍‌ଲାମ୍ ଧର୍ମ ଓ ଆଁହଜରତ ସ.ଅଙ୍କର ସମ୍ମାନ ହାନୀ ହେବ ଅବା ଅନ୍ୟ କୌଣସି ବିଶେଷ ଗୁଣ ସାବ୍ୟସ୍ତ ହେବ ? ଅତଃ ମୁସଲମାନମାନେ ଆମମାନଙ୍କୁ ଦୋଷୀ ବୋଲି ବିବେଚିତ କରନ୍ତି। ବର୍ତ୍ତମାନ କୁହ ଯେ, ଅଲ୍ଲାଃତାଲାଙ୍କ ଦ୍ୱାରା ଶିଖାଇଥିବା ଦୁଆରେ ଅବତାରତ୍ୱର ଦ୍ୱାର ଉନ୍ମୁକ୍ତ ରହିଛି । କିନ୍ତୁ ଅଣଅହେମଦିମାନେ ଦ୍ୱାରକୁ ରୁଦ୍ଧ କରୁଛନ୍ତି । ତେବେ କେଉଁମାନେ ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ଓ ସମ୍ମାନକୁ ହାନୀ ପହଞ୍ଚାଉଛନ୍ତି ? ସେମାନେ ନା ଆମେ ? ମୁଁ ସତ ସତ କହୁଛି ଯେ, ଯେଉଁ ବ୍ୟକ୍ତି ଏହି ବିଶ୍ୱାସ ରଖେ ଯେ, ଇସଲାମ ଧର୍ମରେ ଆଉ ଅବତାର ଆସିବେ ନାହିଁ । ତେବେ ସେହି ବ୍ୟକ୍ତି ଇସ୍‌ଲାମ ଧର୍ମକୁ ବଦ୍‌ନାମ କରିଥାଏ ଓ ସେହି ବ୍ୟକ୍ତି ଇସ୍‌ଲାମ୍ ଧର୍ମର ସାରତତ୍ତ୍ୱକୁ ହୃଦୟଙ୍ଗମ କରିପାରିଲା ନାହିଁ । ଇସ୍‌ଲାମ୍ ଧର୍ମର ଲକ୍ଷ୍ୟ ମଧ୍ୟରୁ ଏହି ପ୍ରସଙ୍ଗଟି ନିର୍ଦ୍ଧାରିତ ଥିଲା ଯେ, ମନୁଷ୍ୟ କେବଳ ତୁଣ୍ଡରୁ ହିଁ وحده لاشريك له ନକହୁ ବରଂ ବାସ୍ତବିକତାକୁ ହୃଦୟଙ୍ଗମ କିରନେଉ ଓ ସ୍ୱର୍ଗ-ନର୍କ ଉପରେ ଥିବା ତା'ର କାଳ୍ପନିକ ଧାରଣା ଓ କାଳ୍ପନିକ ବିଶ୍ୱାସ ନରଖୁ । ବରଂ ବସ୍ତୁତଃ ସେ ଏହି ସଂସାରରେ ହିଁ ସେ ସ୍ୱର୍ଗ ପରି ଅବସ୍ଥା ସଂପର୍କରେ ସୂଚନା ପ୍ରାପ୍ତ କରୁ (ଅର୍ଥାତ ଅବଗତ ହୋଇଯାଉ) । ମନୁଷ୍ୟ ଏପରି ପୁଣ୍ୟ କରୁ ଯେ, ତା'ର ଜୀବନ ମଧ ସାର୍ଥକ ଓ ବୈକୁଣ୍ଠମୟ ହୋଇଯିବ ଏବଂ ହିଂସ୍ର ତଥା ନୃଶଂସ ବ୍ୟକ୍ତି ପାପରୁ ମୋକ୍ଷ ପ୍ରାପ୍ତ କରିନେଉ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଏହି ମହତ୍ ଲକ୍ଷ୍ୟ ଇସ୍‌ଲାମ୍ ଧର୍ମର ଥିଲା ଓ ଏହା ଏପରି ଏକ ପବିତ୍ର ଅଭିପ୍ରାୟ ଯେ, ଅନ୍ୟ କୌଣସି ଜାତି ଏହାର ଦୃଷ୍ଟାନ୍ତ ନିଜ ଧର୍ମରୁ ଉପସ୍ଥାପିତ କରିପାରିବ ନାହିଁ ଓ ନା ହିଁ ସେ ଏହାର ଉଦାହରଣ ନିଜ ଧର୍ମରୁ ପ୍ରଦର୍ଶନ କରିପାରିବ । କହିବାକୁ ଗଲେ ପ୍ରତ୍ୟେକ ବ୍ୟକ୍ତି ଏହା କହିପାରିବ । କିନ୍ତୁ କିଏ ସେହି ବ୍ୟକ୍ତି ଯିଏ ଆମକୁ ଦେଖାଇ ପାରିବ । **(ଲେକଚର୍ ଲୁଧିଆନା, ରୁହାନୀ ଖଜାଏନ୍, ଭାଗ-20, ପୃ 286 -285-, ସଂସ୍କରଣ ବର୍ଷ-2021 ମସିହା)**

ହୁଜୁର ଅ.ବ କହିଲେ, ଆଜି ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଥିବା ଅହେମଦିମାନଙ୍କର ଏହି ସ୍ତର ପ୍ରାପ୍ତ କରିବାର ଆବଶ୍ୟକତା ରହିଛି ଏବଂ ସଂସାରାବାସୀଙ୍କୁ ଏହା କହିବାର ଆବଶ୍ୟକତା ରହିଛି ଯେ, ଆମମାନଙ୍କ ଉପରେ ଯେଉଁ ଅବିଶ୍ୱାସ ଜନିତ ଫତ୍‌ୱା (ଧର୍ମାଜ୍ଞା) ଜାରି କରାଯାଉଛି ସେମାନଙ୍କୁ ଏହା ଦେଖାଇଦେବା ଉଚିତ ଯେ, ଅହେମଦିମାନେ କେବଳ ପୁରୁଣା କାହାଣୀ ବର୍ଣ୍ଣନା କରୁ ନାହାନ୍ତି ବରଂ ଆଜି ମଧ ଜୀବନ୍ତ ପୁସ୍ତକ ଏବଂ ଜୀବନ୍ତ ରସଲଙ୍କୁ ସ୍ୱୀକାର କରୁଥିବା ବ୍ୟକ୍ତିମାନଙ୍କ ଉପରେ ଅଲ୍ଲାଃତାଲାଙ୍କର କୃପାବତୀର୍ଣ୍ଣ ହେଉଥିବାର ବିଶ୍ୱାସ ରଖନ୍ତି । ଅହେମଦିମାନେ ଏହି କଥା ଉପରେ ମଧ ବିଶ୍ୱାସ ରଖନ୍ତି ଯେ, ଅଲ୍ଲାଃତାଲା ଆଜି ମଧ ସେହିପରି ନିଜ ଭକ୍ତମାନଙ୍କ ସହିତ ବାର୍ତ୍ତାଳାପ କରନ୍ତି ଯେପରି ସେ ପୂର୍ବେ ନବୀମାନଙ୍କ ସହିତ ବାର୍ତ୍ତାଳାପ କରୁଥିଲେ ।

ଆପଣ ଅ.ସ ପୁନଶ୍ଚ କହୁନ୍ତି, ଅଲ୍ଲାଃତାଲା ଆମମାନଙ୍କୁ ସେହି ପ୍ରିୟ ନବୀ ପ୍ରଦାନ କଲେ ଯେକି ଖାତମୁଲ୍ ମୁମିନିନ୍ (ସର୍ବଶ୍ରେଷ୍ଠ ବିଶ୍ୱାସକାରୀ), ଖାତମୁଲ୍ ଆରିଫିନ୍ (ସର୍ବଶ୍ରେଷ୍ଠ ବିଜ୍ଞ ବ୍ୟକ୍ତି), ଖାତମୁନ୍ ନବୀୟୀନ୍ (ସମସ୍ତ ଅବତାରମାନଙ୍କର ଶିରୋମଣି ଓ ସର୍ବଶ୍ରେଷ୍ଠ ନବୀ) ଅଟନ୍ତି ଏବଂ ଅବତାରତ୍ୱ ସମାପ୍ତ ହୋଇଯାଇଛି। ଏହି ଅବତାରତ୍ୱ ସେପରି ଶେଷ ହୋଇ ନାହିଁ ଯେପରି କୌଣସି ବ୍ୟକ୍ତି ତଣ୍ଟି ଚିପି ଏହାକୁ ସମାପ୍ତ କରିଦେବ । ଏପରି ସମାପ୍ତ ଗର୍ବଯୋଗ୍ୟ ହୋଇ ନଥାଏ ।

ବରଂ ରସଲୁଲ୍ଲାଃ ସ.ଅଙ୍କ ଉପରେ ଅବତାରତ୍ୱ ସମସ୍ତ ସର୍ବୋଚ୍ଚ ଗୁଣାବଳୀ ସମାପ୍ତ ହୋଇଯାଇଛି । ତହିଁରୁ ଉକ୍ତ ପ୍ରସଙ୍ଗଟି ଯଥାର୍ଥ ଯେ, ସ୍ୱଭାବିକ ରୂପେ ଆପଣ ସ.ଅଙ୍କ ଉପରେ ନବୁଓତ୍‌ର ସମସ୍ତ ବିଦ୍ୱତା ତଥା ପର୍ଣ୍ଣତ୍ୱ ଗୁଣାବଳୀର ପରିସମାପ୍ତି ଘଟିଛି । ଅର୍ଥାତ ସେହି ନାନ ପୂର୍ଣ୍ଣତ୍ୱତା ଏବଂ ବିଦ୍ୱତାମୂଳକ ଗୁଣାବଳୀ ଯାହାକି ହ. ଆଦମ୍ ଅ.ସଙ୍କ ଠାରୁ ନେଇ ମସିହ୍ ଇବ୍‌ନେ ମରିୟମ୍ ଅ.ସଙ୍କ ପର୍ଯ୍ୟନ୍ତ ଅବତାରମାନଙ୍କୁ ପ୍ରଦାନ କରାଯାଇଥିଲା ତାହା ଅନ୍ୟ କୌଣସି ଅବତାରକୁ ପ୍ରଦାନ କରାଗଲା ନାହିଁ ବରଂ ସେହି ସମସ୍ତ ବିଦ୍ୱତା ଓ ପୂର୍ଣ୍ଣତ୍ୱତା ପୂର୍ଣ୍ଣ ରୂପେ ଆପଣ ସ.ଅଙ୍କ ମଧ୍ୟରେ ହିଁ ଏକତ୍ରିତ କରିଦିଆଗଲା ଏବଂ ଏହିପରି ଭାବରେ ଆପଣ ସ.ଅ ଖାତମୁନ୍ ନବୀୟିନ୍ ରୂପେ ବିବେଚିତ ହେଲେ । ସେହପରି ସେହି ସମସ୍ତ ଶିକ୍ଷା, ଇଚ୍ଛାପତ୍ର ଓ ତତ୍ତ୍ୱାଦି ଯାହାକି ବିଭିନ୍ନ ଧର୍ମଗ୍ରନ୍ଥରେ ବର୍ଣ୍ଣିତ ହୋଇ ଆସଛି ତାହା ପବିତ୍ର କୁରଆନ୍ କରୀମ୍ ନିକଟରେ ଆସି ସମାପ୍ତ ହୋଇଗଲା ଓ କୁରଆନ୍ କରୀମ୍ ଖାତମୁଲ୍ କୁତୁବ୍ ବୋଲି ବିବେଚିତ ହେଲା । **(ମଲ୍‌ଫୁଜାତ୍, ଭାଗ-1, ପ-341-, 342, ସଂସ୍କରଣ ବର୍ଷ-1984 ମସିହା)**

ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଖାତମୁନ୍ ନବୀୟିନ୍ ଶବ୍ଦରେ ଏହି ଅର୍ଥ ନିହିତ ରହିଛି ଯେ, ସେହି ଧର୍ମଗ୍ରନ୍ଥ ଯାହାକୁ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ଉପରେ ଅବତୀର୍ଣ୍ଣ କଲେ ଏବଂ ଯାହାକି ସକଳ ପୁସ୍ତକର ସାରାଂଶ ଏବଂ ଶ୍ରେଷ୍ଠ ପବିତ୍ର ଧର୍ମଗ୍ରନ୍ଥ ଅଟେ । ସମସ୍ତ ଧର୍ମଗ୍ରନ୍ଥର ମୌଳିକ ସାରତତ୍ତ୍ୱ ଏବଂ ପୂର୍ଣ୍ଣତ୍ୱତା ତଥା ବିଦ୍ୱତା ତହିଁରେ ବିଦ୍ୟମାନ ରହିଛି ଓ ପ୍ରକୃତରେ ସେହି ସମସ୍ତ ବିଦ୍ୱତା ତଥା ପୂର୍ଣ୍ଣତ୍ୱତା ଉକ୍ତ ଗ୍ରନ୍ଥରେ ହିଁ ବିଦ୍ୟମାନ ରହିଛି ।

କାରଣ ଐଶୀ ଧର୍ମଗ୍ରନ୍ଥର ଏହି ସାଧାରଣ ନିୟମ ରହିଛି ଯେ, ବ୍ୟକ୍ତି ମଧ୍ୟରେ ଯେପରି ଐଶୀ ପବିତ୍ର ଶକ୍ତି ଓ ପୂର୍ଣ୍ଣ ଅପ୍ରକାଶ୍ୟ ଗୁପ୍ତ ଅଲୌକିକ ଶକ୍ତି ନିହିତ ରହିଥାଏ ତେବେ ସେହିଭଳି ବ୍ୟକ୍ତି ଉପରେ ଅଲ୍ଲାଃତାଲା ନିଜର ଐଶୀବାଣୀ ଅବତୀର୍ଣ୍ଣ କରନ୍ତି । ଠିକ୍ ସେହିପରି ଅଲୌକିକ ଶକ୍ତି ଏବଂ ବୈଭବ୍ୟତା ଉକ୍ତ ବାଣୀର ପରିଚୟ ହୋଇଥାଏ । ଆଁହଜରତ ସ.ଅଙ୍କର ଈଶ୍ୱରଦତ୍ତ ଐଶୀଶକ୍ତି ଓ ବଦ୍ୱତା ତଥା ପୂର୍ଣ୍ଣତ୍ୱତା ସର୍ବୋଚ୍ଚ ସ୍ତରୀୟ ଥିଲା, ଏହାଠୁ ବଳି ଅନ୍ୟ କୌଣସି ବ୍ୟକ୍ତି ନିକଟରେ ନା ଏପରି ଈଶ୍ୱରଦତ୍ତ ଶକ୍ତି, ବିଦ୍ୱତା, ପୂର୍ଣ୍ଣତ୍ୱତା ଥିଲା ଓ ନା ହିଁ ଆସନ୍ତାରେ କେବେ ହେବ । ବିରୋଧୀମାନେ ଆମମାନଙ୍କ ଉପରେ **ନାଉଜୁ ବିଲ୍ଲାଃ** ଏହି ଦୋଷାରୋପଣ କରନ୍ତି ଯେ, ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ଆଁହଜରତ ସ.ଅଙ୍କ ତୁଳନାରେ ଅଧିକ ବଡ଼ ଓ ଶ୍ରେଷ୍ଠ ବୋଲି ବିଚାର କରୁଛେ। ତେଣୁ ଆମେମାନେ ତୌହିନେ ରିସାଲତ୍ (ଆଁହଜରତ ସ.ଅଙ୍କ ଅବତାରତ୍ୱ ମର୍ଯ୍ୟାଦାକୁ ହାନୀ ପହଞ୍ଚାଇବା) କଲୁ । **ନାଉଜୁ ବିଲ୍ଲାଃ** । ଉପରୋକ୍ତ ଶବ୍ଦ ପରେ କୌଣସି ବୁଦ୍ଧିମାନ ଓ ନ୍ୟାୟପ୍ରିୟ ବ୍ୟକ୍ତି ଏହା କହି ପାରିବ ନାହିଁ ଯେ, ଅହେମଦିମାନେ ଯେକୌଣସି ମତେ ତୌହିନେ ରିସାଲତ୍ କରୁଛନ୍ତି ।

ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି: ପବିତ୍ର କୁରଆନ୍ ଶରୀଫ୍ ମଧ ସମସ୍ତ ପୂର୍ବ ପୁସ୍ତକ ଓ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରୁ ସେହି ସର୍ବୋଚ୍ଚ ମର୍ଯ୍ୟାଦା ଉପରେ ଅବସ୍ଥିତ ଅଟେ । ଏହା ପର୍ଯ୍ୟନ୍ତ ଅନ୍ୟ କୌଣସି ବାଣୀ ପହଞ୍ଚିପାରି ନାହିଁ । କାରଣ ଆଁହଜରତ ସ.ଅଙ୍କ ଶକ୍ତି ଓ ସାମର୍ଥ୍ୟ ତଥା ଈଶ୍ୱରଦତ୍ତ ଶକ୍ତି ସର୍ବାଧିକ ରୂପେ ବୃଦ୍ଧି ପାଇଥିଲା ଏବଂ ବିଦ୍ୱତାର ସମସ୍ତ ଗୁଣ ଆପଣ ସ.ଅଙ୍କ ଉପରେ ସମାପ୍ତ ହୋଇଯାଇଥିଲା ଏବଂ ଆପଣ ସ.ଅ ଶୀର୍ଷ ବିନ୍ଦୁ ଉପରେ ଆସି ଉପନୀତ ହୋଇଯାଇଥିଲେ । ତେଣୁ ଏହି ସ୍ତରରେ ପବିତ୍ର କୁରଆନ୍ କରୀମ୍ ଆପଣ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହେଲା ଓ ତାହା ପୂର୍ଣ୍ଣତ୍ୱତା ଏବଂ ବିଦ୍ୱତା ପର୍ଯ୍ୟନ୍ତ ପହଞ୍ଚିଗଲା। ଯେପରିକି ଅବତାରତ୍ୱର ବିଦ୍ୱତା ତଥା ପୂର୍ଣ୍ଣତ୍ୱତାମୂଳକ ଗୁଣାବଳୀ ଆପଣ ସ.ଅଙ୍କ ଉପରେ ସମାପ୍ତ ହୋଇଯାଇଥିଲା ଠିକ୍ ସେହିପରି ଚମତ୍କୃତ ବାଣୀର ବିଦ୍ୱତା ପବିତ୍ର କୁରଆନ୍ କରୀମ୍ ଉପରେ ଆସି ଶେଷ ହେଲା । ଆପଣ


ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)



କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସ.ଅ ନବୀ ଶ୍ରେଷ୍ଠ ଓ ନବୀ ଶିରୋମଣି ରୂପେ ବିବେଚିତ ହେଲେ ଏବଂ ପବିତ୍ର କୁରଆନ୍ କରୀମ୍ ଖାତମୁଲ୍ କୁତୁବ୍ (ଚୂଡ଼ାନ୍ତ ଶ୍ରେଷ୍ଠ ପୁସ୍ତକ) ରୂପେ ବିବେଚିତ ହେଲା ।

ଅର୍ଥାତ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଦୃଷ୍ଟିରେ ହେଉ ଅବା ମାଧୁର୍ଯ୍ୟ ଦୃଷ୍ଟିରେ ହେଉ, ଶିକ୍ଷା ଦୃଷ୍ଟିରେ ହେଉ, ବିଦ୍ୱତା, ପାଣ୍ଡିତ୍ୟତା ତଥା ପୂର୍ଣ୍ଣତ୍ୱତା ଦୃଷ୍ଟିରେ ହେଉ, ଶିକ୍ଷାର ଫଳ ଯେଉଁ ଦୃଷ୍ଟିକୋଣରୁ ଦେଖ ସେହି ଦୃଷ୍ଟିକୋଣ ଅନୁଯାୟୀ ପବିତ୍ର କୁରଆନ୍ କରୀମର ବିଦ୍ୱତା, ପାଣ୍ଡିତ୍ୟତା, ପୂର୍ଣ୍ଣତ୍ୱତା ସର୍ବତ୍ର ଉଭାସିତ ଓ ଦୃଶ୍ୟମାନ ହୋଇଥାଏ । ସେହିପରି ପବିତ୍ର କୁରଆନ୍ କରୀମ୍ର ଚମତ୍କାର ଏହା ହିଁ ସାବ୍ୟସ୍ତ କରେ ଯେ, ପବିତ୍ର କୁରଆନ୍ କରୀମ୍ରେ କୌଣସି ବିଶେଷ ପ୍ରସଙ୍ଗ ପ୍ରତି ଦୃଷ୍ଟାନ୍ତ ଉପସ୍ଥାପିତ କରିବା ପାଇଁ କୁହାଯାଇ ନାହିଁ । ବରଂ ସାଧାରଣ ରୂପେ ଚମତ୍କାର ଉପସ୍ଥାପିତ କରିବା ପାଇଁ ଭିକ୍ଷା କରାଯାଇଛି । ଅର୍ଥାତ ଯେକୌଣସି ଦୃଷ୍ଟିକୋଣରୁ ଚାହଁ ଏହାର ମୁକାବିଲା କରି ଦେଖିନିଅ (ଅର୍ଥାତ ପରୀକ୍ଷା କରି ଦେଖିନିଅ) । ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷାଗତ ଦୃଷ୍ଟିକୋଣରୁ ଦେଖ, ଅର୍ଥ ଏବଂ ମର୍ମ ଦୃଷ୍ଟିକୋଣରୁ ଦେଖ, ଶିକ୍ଷା ଦୃଷ୍ଟିକୋଣରୁ ଦେଖ, ଭବିଷ୍ୟତବାଣୀ ଦୃଷ୍ଟିକୋଣରୁଦେଖ ଏବଂ ଆଦୃଷ୍ଟ ବିଷୟ ଦୃଷ୍ଟିକୋଣରୁ ଦେଖ ସେହି ସମସ୍ତ ଗୁଣାବଳୀ ଓ ବିଶେଷତା ଯାହାକି ପବିତ୍ର କୁରଆନ୍ କରୀମରେ ନିହିତ ରହିଛି । ଅର୍ଥାତ ଯେକୌଣସି ଢଙ୍ଗରେ ଦେଖ ଏହି ଚମତ୍କାର ସର୍ବତ୍ର ଦୃଶ୍ୟମାନ ହେବ ।

**(ମଲ୍‌ଫୁଜାତ୍ ଗ୍ରନ୍ଥଖଣ୍ଡ-3, ପ-36- 37, ସଂସ୍କରଣ ବର୍ଷ1984 ମସିହା)**

ପୁନଶ୍ଚ ଏକ ସଭାରେ ଆପଣ ଅ.ସ କୁହନ୍ତି: ଏକଥା ବିସ୍ମୃତଯୋଗ୍ୟ ନୁହେଁ ଯେ, ପବିତ୍ର କୁରଆନ୍ କରୀମ୍ ଯାହାକି ଖାତମଲ୍ କୁତୁବ୍ ଅଟେ, ତାହା ପ୍ରକୃତରେ ଗଳ୍ପର ସମାହର ନୁହେଁ । ବରଂ ଯେଉଁମାନେ ଭ୍ରମ ଏବଂ ସତ୍ୟ ଲୁଚାଇବା ଯୋଗୁଁ ପବିତ୍ର କୁରଆନ୍ କରୀମ୍ର ଗଳ୍ପକୁ ସମାହାର ବୋଲି କହିଛନ୍ତି ସେମାନେ ସତ୍ୟକୁ ଚିହ୍ନିବା ଭଳି ସ୍ୱଭାବରୁ ଅଂଶଟିଏ ମଧ ପ୍ରାପ୍ତ କଲେ ନାହିଁ । ଅନ୍ୟଥା ଏହି ପବିତ୍ର ଧର୍ମ ଗ୍ରନ୍ଥ ପୂର୍ବ ଗଳ୍ପଗୁଡ଼ିକୁ ମଧ ଏକ ଦର୍ଶନ ରୂପେ ଦର୍ଶାଇ ଦେଇଛି । ତହିଁରେ ଯେଉଁ ଗଳ୍ପ ତଥା ଘଟଣାବଳୀଗୁଡ଼ିକ ବର୍ଣ୍ଣିତ ହୋଇଛି ତାହା ପୁଣି ଏଭଳି ସୁନ୍ଦର ଓ ଶୃଙ୍ଖଳିତ ଢଙ୍ଗରେ ବର୍ଣ୍ଣିତ ହୋଇଛି ଯେ, ତାହା ଯେପରି ଏକ ଦର୍ଶନ ଅଟେ। ସେଗୁଡ଼ିକ ମଧରେ ଗୋଟିଏ ଗୋଟିଏ ସତ୍‌ଶିକ୍ଷା ନିହିତ ରହିଛି ଓ ଏକ ପ୍ରକାରର ଗଭୀରତା ମଧ ରହିଛି । ହୁଜୁର ଅ.ସ କହିଲେ ପବିତ୍ର କୁରଆନ୍ କରୀମ୍ର ଅନ୍ୟ ଧର୍ମ ଗ୍ରନ୍ଥମାନଙ୍କ ଉପରେ, ନବୀ ମାନଙ୍କର ଉପରେ ଏହି ମହୋପକାର ରହିଛି ଯେ, ପବିତ୍ର କୁରଆନ୍ ସେହି ସମସ୍ତ ଗଳ୍ପ ଓ ଘଟଣାବଳୀଗୁଡ଼ିକୁ ଦର୍ଶନ ରୂପେ ସାବ୍ୟସ୍ତ କରିଦେଲା ଅନ୍ୟଥା ଆଜି ସେହି ଗଳ୍ପ ଏବଂ ଘଟଣାବଳୀ, ନବୀ ତଥା ଧର୍ମ ଗ୍ରନ୍ଥ ପ୍ରତି ଅସମ୍ମାନ ପ୍ରଦର୍ଶନ କରାଯାଉଥିଲା । ଏହା ମଧ ଅଲ୍ଲାଃତାଲାଙ୍କର ଏକ ଉପକାର ଯେ, ଏହି ଜ୍ଞାନଭିତ୍ତିକ ଯୁଗରେ ସାଂପ୍ରତିକ ସଂସାରର ବାସ୍ତବତା ଏବଂ ବସ୍ତୁବାଦୀ ବିଶେଷତାର ଓ ବସ୍ତୁ ତାନ୍ତ୍ରିକମୂଳକ ଜ୍ଞାନର ଉନ୍ନତି ମଧ ଦେଇ ଅଗ୍ରଗତି କରୁଅଛି । ଅଲ୍ଲାଃତାଲା ଆକାଶୀୟ ଜ୍ଞାନ ଓ ସତ୍ୟ ଉଦ୍‌ଘାଟିତ ନିମନ୍ତେ ଏକ ସଂପ୍ରଦାୟକୁ ସ୍ଥାପନ କରିଛନ୍ତି ।

ବଡ଼ ବଡ଼ ବିଦ୍ୱାନ୍ ମନିଷୀ, ବିଶାରଦ ଓ ବିଶେଷଜ୍ଞମାନେ ସୃଷ୍ଟି ହେଉଛନ୍ତି। ବିଭିନ୍ନ ପ୍ରକାରର ବିଜ୍ଞାନଭିତ୍ତିକ ବିଷୟବସ୍ତୁ, ଜ୍ଞାନ କୌଶଳ ଓ ଅନ୍ୟାନ୍ୟ ବିଷୟବସ୍ତୁ ରହିଛି ଯାହାକି ପୃଥିବୀରେ ପର୍ଯ୍ୟାୟ କ୍ରମେ ଅଗ୍ରଗତି କରୁଛି । ଅତିରିକ୍ତ ଗବେଷଣା ମଧ ହେଉଅଛି ଏଣୁ ଏଥି ନିମନ୍ତେ ଏକ ସଂପ୍ରଦାୟ ଓ ଏକ ଅନୁଷ୍ଠାନ ସ୍ଥାପନ କରି ଦେଇଛନ୍ତି ଏବଂ ସେହି ସଂପ୍ରଦାୟରେ ସେହି ଜ୍ଞାନର ବ୍ୟାଖ୍ୟା ପବିତ୍ର କୁରଆନ୍ କରୀମ୍ର ଜ୍ଞାନାତ୍ମକ ଶିକ୍ଷା ଦ୍ୱାରା ହିଁ ପ୍ରାପ୍ତ କରାଯାଉଅଛି । ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ ସେହି ସମସ୍ତ ବିଷୟ ବସ୍ତୁର ବର୍ଣ୍ଣନା ପବିତ୍ର କୁରଆନ୍ କରୀମ୍ରୁ ସାବ୍ୟସ୍ତ ହିଁ କରିଛନ୍ତି । ଅର୍ଥାତ କିପରି ବିଜ୍ଞାନ ଏବଂ ଧର୍ମ ମଧରେ ସାମଞ୍ଜସ୍ୟତା ତଥା ସାଦୃଶ୍ୟତା ରହିଛି ? ଆପଣ ଅ.ସ କହୁନ୍ତି ଯେଉଁ ବ୍ୟକ୍ତି ଏହି ସମସ୍ତ କଥାକୁ **ଫୈଜେ ଆଓଜ୍** (କୁଚୁଳିଆ ଯୁଗ) ଯୁଗ ପରି ଏକ ସାଧାରଣ ଗଳ୍ପ ବା ଘଟଣାବଳୀ ବ୍ୟତୀତ ଅନ୍ୟ କିଛି ବୋଲି ମନେ ନକରି ବରଂ ଏହି ବିଜ୍ଞାନ ଯୁଗରେ ସେହି ଧର୍ମପ୍ରାଣ ବ୍ୟକ୍ତିମାନଙ୍କ ଉପରେ ଉପହାସ କରୁଥିଲା । ଲୋକମାନେ ହସୁଥିଲେ ଏବଂ ବୈଜ୍ଞାନିକମାନେ ମଧ ହସୁଥିଲେ ଯେ, ଏଇଟା କ'ଣ ? କିନ୍ତୁ ପବିତ୍ର କୁରଆନ୍ କରୀମ୍ ଆପଣ ଅ.ସଙ୍କୁ ପ୍ରେରଣ କରି ପବିତ୍ର କୁରଆନ୍ କରୀମ୍ର ଏପରି ମାର୍ମିକ ଓ ଜ୍ଞାନାତ୍ମକ ବ୍ୟାଖ୍ୟା ବର୍ଣ୍ଣନା କରାଇଲେ ଯେପରିକି ଆପଣ ଅ.ସ ତାହାକୁ (ପବିତ୍ର କୁରଆନ୍‌କୁ) ଏକ ଅପୂର୍ବ ଓ ନୂତନ ବିଷୟ ବସ୍ତୁର ଏକ ସ୍ୱାତନ୍ତ୍ର୍ୟତାମୂଳକ ଅନନ୍ୟ ପରିଚୟ ପ୍ରଦାନ କରି ଦେଇଛନ୍ତି । ଅର୍ଥାତ ଆପଣ ଅ.ସ ଜ୍ଞାନାତ୍ମକ ଶୈଳୀରେ ଏକ ଦାର୍ଶନିକ ଅବସ୍ଥାକୁ ଉପସ୍ଥାପିତ କରିଦେଲେ ।

**(ମଲ୍‌ଫୁଜାତ୍ ଗ୍ରନ୍ଥଖଣ୍ଡ-3, ପୃ-153, ସଂସ୍କରଣ ବର୍ଷ -1984 ମସିହା)**

ମୁସଲମାନମାନଙ୍କୁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ ଯେ, ଅଲ୍ଲାଃତାଲା ଏହି ଯୁଗରେ ନିଜର ପ୍ରତିଶ୍ରୁତି ଅନୁଯାୟୀ ପବିତ୍ର କୁରଆନ୍ କରୀମର ପ୍ରକୃତ ଶିକ୍ଷାକୁ ବର୍ଣ୍ଣନା କରିବା ନିମନ୍ତେ ନିଜର ପ୍ରିୟ ଦୂତ (ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କଲେ, ଯେକି ଇସ୍‌ଲାମ୍ ଧର୍ମ ଉପରେ ଲାଗିଥିବା ସମସ୍ତ ନିରକ୍ଷମୂଳକ ଆରୋପକୁ ଖଣ୍ଡନ କରି ତାହାକୁ ଦୂରୀଭୂତ କରିଦେଲେ । ପୁନଶ୍ଚ ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍ ଉପରେ ବିଶ୍ୱାସ ଏବଂ ତାହାର ଅନୁକରଣକୁ ଏପରି ଆବଶ୍ୟକ ବୋଲି ମନେ କରୁଥିଲେ ଯେପରି ତାହା ବିଶ୍ୱାସର ଏକ ଅଭିନ୍ନ ଅଙ୍ଗ ଅଟେ ।

ଏହାର ସବିଶେଷ ବିବରଣୀ ପ୍ରଦାନ କରି ଆପଣ ଅ.ସ କୁହନ୍ତି, "ମୁଁ ପବିତ୍ର କୁରଆନ୍ କରୀମ୍ ଏବଂ ଆଁହଜରତ ସ.ଅଙ୍କ ଆଜ୍ଞାକାରୀ ହେବା ପରିବର୍ତ୍ତେ ଅବଜ୍ଞକାରୀ ହେବା ଏବଂ ତିଳେମାତ୍ର ମାର୍ଗଚ୍ୟୁତ ହେବାକୁ ବିଶ୍ୱାସଘାତକତା ବୋଲି ମନେକରୁଛି । ମୋର ଏହି ଆସ୍ଥା ଓ ଧର୍ମମତ ରହିଛି ଯେ, ଯେଉଁ ବ୍ୟକ୍ତି ଏହାକୁ (ପବିତ୍ର କୁରଆନ୍ କରୀମ୍ର ଆଦେଶାବଳୀ ଓ ଆଁହଜରତ ସ.ଅଙ୍କର ଆଦେଶାବଳୀକୁ) କାଣିଚିଏ ପରିତ୍ୟାଗ କରେ ସେ ନର୍କଗାମୀ ହେବ ।" ଆପଣ ଅ.ସ ଏହି ଆସ୍ଥାକୁ ନା କେବଳ ନିଜର ଭାଷଣରେ ବରଂ ପ୍ରାୟ ଷାଠିଏ(୬୦)ରୁ ଉର୍ଦ୍ଧ୍ୱ ପୁସ୍ତକରେ ଅତ୍ୟନ୍ତ ସ୍ୱଷ୍ଟତାର ସହିତ ଓ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି । ଆପଣ ଅ.ସ ଏଥିପାଇଁ ଦିବାରାତ୍ର ଚିନ୍ତିତ ରହୁଥିଲେ । **(ଲେକ୍‌ଚର ଲୁଧିୟାନା, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-259)**

ଆପଣ ଅ.ସ କହିଲେ, ଯଦି କୌଣସି ବ୍ୟକ୍ତି ଆମର ଦାବି ଏବଂ ଆମର ବାର୍ତ୍ତାକୁ ଶୁଣନ୍ତି ତେବେ ଆମର ବିରୋଧୀମାନେ ତତ୍‌କ୍ଷଣାତ୍ ଆମ ଉପରେ ଏବଂ ସେମାନଙ୍କ ଉପରେ କାଫିର୍ ଏବଂ ତୌହିନେ ରିସାଲତ୍ ଓ ତୌହିନେ କୁରଆନ୍ର ଫତ୍‌ୱା (ଧର୍ମାଜ୍ଞା) ଜାରି କରି ଦିଅନ୍ତି । ତେଣୁ ଯେଉଁମାନେ ଆମର ବାର୍ତ୍ତାକୁ ଶୁଣନ୍ତି ତେବେ ନ୍ୟାୟପରାୟଣ ହୋଇ ଅବା ପ୍ରଭୁଙ୍କ ଭୟକୁ ନିଜ ମନ ଭିତରେ ପୋଷଣ କରି ଆମକୁ ପଚାରନ୍ତେ ଯେ, ତୁମେମାନେ ଏହିଭଳି ତୌହିନେ ରିସାଲତ୍ ଏବଂ ତୌହିନେ କୁରଆନ୍ କରିଛ ଅବା ନୁହେଁ ? ଯଦି ଆମେମାନେ ଏଭଳି ଅନ୍ୟାୟ ଓ ଅପରାଧ କରିଛୁ ତେବେ ଏହା ଇସ୍‌ଲାମ୍ ଧର୍ମ ଅନୁଯାୟୀ ତାହା ଯୁକ୍ତିଯୁକ୍ତ ନୁହେଁ। ତେଣୁ ଆପଣମାନେ ଏହାର ବ୍ୟାଖ୍ୟା କରି ଦିଅନ୍ତୁ । କିନ୍ତୁ ସେମାନେ ଟକେ ହେଲେ ବି ଏଥିପାଇଁ ଚିନ୍ତିତ ନୁହନ୍ତି । ବରଂ ସେମାନେ କେବଳ ଆମମାନଙ୍କ ଉପରେ ଅବିଶ୍ୱାସକାରୀର ଫତ୍‌ୱା ଜାରି କରିବା ପାଇଁ ତତ୍ପର ଓ ବ୍ୟଗ୍ର ଅଟନ୍ତି ।

**(ଲେକ୍‌ଚର ଲୁଧିୟାନାରୁ ଆନୀତ, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-259)**

ଆପଣ ଅ.ସ କୁହନ୍ତି, ମୁଁ ଯେଉଁ ଉପରୋକ୍ତ କଥା ବର୍ଣ୍ଣନା କଲି ତାହା ଇସ୍‌ଲାମ୍ ଧର୍ମ ଅନୁଯାୟୀ ଏବଂ ପବିତ୍ର କୁରଆନ୍ କରୀମ୍ର ପ୍ରକାଶରେ ହିଁ କରିଛି ଏବଂ ଏହା ହିଁ ମୋର ସିଦ୍ଧାନ୍ତ ତଥା ଧର୍ମମତ ଅଟେ ଓ ତଦନୁଯାୟୀ ଆମେମାନେ ମଧ ଏହାକୁ କାର୍ଯ୍ୟକାରୀ କରିଥାଉ ।

ପବିତ୍ର କୁରଆନ୍ କରୀମ୍ ଏବଂ ପ୍ରକୃତିଗତ ନିୟମର ପାରସ୍ପରିକ ସହଭାଗିତା ତଥା ପରସ୍ପର ପରିପୂରକ ହେବା ସଂକ୍ରାନ୍ତରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି, " ପବିତ୍ର ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ପବିତ୍ର କୁରଆନ୍ କରୀମ୍ର ଶିକ୍ଷା । ଯାହାକି

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

ମାନବ ରୂପକ ବୃକ୍ଷର ପ୍ରତ୍ୟେକ ଶାଖା ପ୍ରଶାଖାର ଯତ୍ନ ନେଇଥାଏ । ପବିତ୍ର କୁରଆନ୍ କରୀମ୍ କେବଳ ଗୋଟିଏ ଦିଗ ଉପରେ ଗୁରୁତ୍ୱାରୋପ ନକରି ବରଂ ଅଧିକାଂଶ ସ୍ଥଳରେ କ୍ଷମା ଏବଂ ଦୟାମୂଳକ ଆଚରଣ ପ୍ରଦର୍ଶନ କରିବା ପ୍ରତି ଶିକ୍ଷା ଦେଇଥାଏ । କିନ୍ତୁ ତହିଁରେ ଏହି ସର୍ତ୍ତ ମଧ୍ୟ ରହିଛି ଯେ, କେତେବେଳେ କ୍ଷମା ସମୟାନୁକୂଳ ପ୍ରଦର୍ଶନ କରାଯାଉ ତ' ଆଉ କେତେବେଳେ ଯଥା ସମୟରେ ଦୋଷୀକୁ ଦଣ୍ଡ ଦେବା ପାଇଁ ମଧ୍ୟ ପବିତ୍ର କୁରଆନ୍ ଶିକ୍ଷା ଦେଇଥାଏ। ବାସ୍ତବ ପକ୍ଷରେ କହିବାକୁ ଗଲେ ପବିତ୍ର କୁରଆନ୍ କରୀମ୍ ହେଉଛି ସେହି ପ୍ରଭୁଙ୍କ ପ୍ରକୃତିଗତ ଅପୂର୍ବ ନିଚ୍ଛକ ପ୍ରତିଛବି ଯାହାକି ସର୍ବଦା ଆମମାନଙ୍କର ଦୃଷ୍ଟି ସମ୍ମୁଖରେ ବିଦ୍ୟମାନ ରହିଛି । ଏହା ଅତ୍ୟନ୍ତ ତର୍କସଙ୍ଗତ ଯେ, ଅଲ୍ଲାଃତାଲାଙ୍କ କଥନ ଏବଂ କରଣ ଉଭୟ ମଧ୍ୟରେ ସାମ୍ୟତା ରହିବା ଉଚିତ । ଅର୍ଥାତ ଯେଉଁଭଳି ଢଙ୍ଗରେ ସଂସାରରେ ପ୍ରଭୁଙ୍କ କାର୍ଯ୍ୟ ଅର୍ଥାତ ଲୀଳା ଦୃଶ୍ୟମାନ ହେଉଅଛି ଠିକ୍ ସେହିପରି ପ୍ରଭୁଙ୍କ ସତ୍ୟାଧାରିତ ପୁସ୍ତକ ମଧ୍ୟ ନିଜର କାର୍ଯ୍ୟ ସହିତ ସାମ୍ୟତା ରକ୍ଷା କରି ତଦନୁଯାୟୀ ଶିକ୍ଷା ପ୍ରଦାନ କରିବା ଉଚିତ । ସାଧାରଣତଃ ପ୍ରକୃତିଗତ ନିୟମରେ ଆମେମାନେ ଏହା ଉପଲବ୍ଧି କରିଥାଉ ଯେ, ଅଲ୍ଲାଃତାଲା ଏକ ସ୍ଥଳେ କ୍ଷମାଶୀଳ ଅଟନ୍ତି ତ' ଅନ୍ୟ ଏକ ସ୍ଥଳେ ସେ ଶାସ୍ତି ପ୍ରଦାନକାରୀ ମଧ୍ୟ ଅଟନ୍ତି । ତ' ଆଉ କେତେବେଳେ ସେ ଦୋଷୀକୁ କ୍ଷମା ମଧ୍ୟ କରିଦେଇ ଥାଆନ୍ତି । ପ୍ରଭୁଙ୍କ ଏତାଦୃଶ ନିୟମ ଠିକ୍ ଧାର୍ମିକ ଶିକ୍ଷାରେ ମଧ୍ୟ ପରିଲକ୍ଷିତ ହେବା ଉଚିତ । ନିଜର ଏହି ଧାର୍ମିକ ପୁସ୍ତକରେ ଏହି ପ୍ରକାରର ନିୟମ ମଧ୍ୟ ଉଲ୍ଲେଖ ରହିବା ଉଚିତ ଏବଂ ତାହା ପବିତ୍ର କରୁଆନ୍ କରୀମ୍‌ରେ ବର୍ଣ୍ଣିତ ହୋଇଛି । ଆପଣ ଅ.ସଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ପ୍ରଭୁଙ୍କ କଥନ ଏବଂ କରଣ (କାର୍ଯ୍ୟ) ସମ୍ପାଦନ (ଖାଲି କାମରେ ନୁହେଁ ବରଂ ତାହା କାମରେ ମଧ୍ୟ) ମଧ୍ୟ ପ୍ରତିଫଳିତ ହେବା ଉଚିତ୍ । ଅଲ୍ଲାଃତାଲାଙ୍କ ଏହି କର୍ମରେ ମଧ୍ୟ ଆମେ ଏହା ଉପଲବ୍ଧି କରିଥାଉ ଯେ, ପ୍ରଭୁ ସର୍ବଦା କ୍ଷମାଶୀଳ ନୁହନ୍ତି ବରଂ ସେ ଦୋଷୀ ଓ ପାପୀଙ୍କୁ ନାନା ପ୍ରକାରର ଶାସ୍ତି ଦ୍ୱାରା ଦଣ୍ଡିତ ମଧ୍ୟ କରିଥାଆନ୍ତି । ପ୍ରଭୁଙ୍କ ଏତାଦୃଶ ଶାସ୍ତିର ଚର୍ଚ୍ଚା ପୂର୍ବ ଧର୍ମ ଗ୍ରନ୍ଥମାନଙ୍କରେ ମଧ୍ୟ ବର୍ଣ୍ଣିତ ହୋଇଛି । ଆମର ପ୍ରଭୁ କେବଳ କ୍ଷମାଶୀଳ, ଦୟାବାନ ନୁହନ୍ତି ବରଂ ତାହାଙ୍କର କୋପ ଓ ଶାସ୍ତି ମଧ୍ୟ ଅତ୍ୟନ୍ତ ଭୟଙ୍କର ଅଟେ। ପ୍ରକୃତ ଗ୍ରନ୍ଥ ହେଉଛି ସେହି ଗ୍ରନ୍ଥ ଯାହାକି ସେହି ପ୍ରକୃତିଗତ ନିୟମାନୁଯାୟୀ ଉଚିତ ଅଟେ ଏବଂ ପ୍ରକୃତ ଐଶୀବାଣୀ ହେଉଛି ସେହି ଐଶୀବାଣୀ ଯାହାକି ପ୍ରଭୁଙ୍କ କଥନ ବିରୁଦ୍ଧୀୟ ନୁହେଁ । ଆପଣ ଅ.ସ କୁହନ୍ତି ଯେ, ଆମେମାନେ ଏପରି କଦାପି ଅବଲୋକନ କରି ନାହୁଁ ଯେ, ପ୍ରଭୁ ନିଜର ପ୍ରାଣୀମାନଙ୍କ ପ୍ରତି ସର୍ବଦୈବ କ୍ଷମାଶୀଳ ଆଚରଣ ପ୍ରଦର୍ଶନ କରନ୍ତି ଏବଂ କୌଣସି ଶାସ୍ତି ଦିଅନ୍ତି ନାହିଁ । ବରଂ ସେ ବର୍ତ୍ତମାନ ମଧ୍ୟ ପାପୀ ସ୍ୱଭାବ ବ୍ୟକ୍ତିଙ୍କୁ ମୋ ମାଧ୍ୟମରେ ଏକ ମହାନ ଏବଂ ଭୟଙ୍କର ଭୂମି କମ୍ପର ସଚନା ପ୍ରଦାନ କରିଛନ୍ତି ଯାହାକି ସେମାନଙ୍କର ସର୍ବନାଶ କରିଦେବ ଏବଂ ସେମାନଙ୍କର ବିନାଶ ମଧ୍ୟ ସାଧନ କରିଦେବ ।" **(ଚଶ୍‌ମା ମସିହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ- 376-346)**

ଉପରୋକ୍ତ କଥା ବା ସଚନା ଆପଣ ଅ.ସ ସେତେବେଳେ ପ୍ରଦାନ କରିଥିଲେ ଯେତେବେଳେ ଅଲ୍ଲାଃତାଲା ଆପଣଙ୍କୁ ପାପୀମାନଙ୍କର ସର୍ବନାଶ ନିମନ୍ତେ ଭୂମିକମ୍ପର ଭବିଷ୍ୟତବାଣୀ କରିଥିଲେ । ପୃଥିବୀ ପଷ୍ଠରେ କେବଳ ପବିତ୍ର କୁରଆନ୍ ହିଁ ଏକମାତ୍ର ଗ୍ରନ୍ଥ ରହିଛି ଯେକି ପ୍ରଭୁଙ୍କ ସତ୍ତା ଏବଂ ତାହାଙ୍କ ବିଶେଷତାମୂଳକ ଗୁଣାବଳୀ, ମହିମା ପ୍ରଭୁଙ୍କ ସେହି ପ୍ରକୃତିଗତ ନିୟମାନୁଯାୟୀ ପ୍ରକାଶିତ କରିଅଛି ଯାହାକି ପ୍ରଭୁଙ୍କ ଆଚରଣ ମାଧ୍ୟମରେ ହିଁ ଧରାପୃଷ୍ଠରେ ଦେଖିବାକୁ ମିଳିଥାଏ ଏବଂ ଯାହା ମାନବିକ ସ୍ୱଭାବ ସୁଲଭ ଏବଂ ମାନବିକ ବିବେକରେ ଚିତ୍ରିତ ଏବଂ ପ୍ରତିଫଳିତ ହୋଇଛି । ଖ୍ରୀଷ୍ଟିୟାନ୍‌ମାନଙ୍କର ଈଶ୍ୱର କେବେଳ ସେମାନଙ୍କ ଧର୍ମ ଗ୍ରନ୍ଥ ଇଞ୍ଜିଲ୍‌ର ପୃଷ୍ଠା ମଧ୍ୟରେ ଆବଦ୍ଧିତ ଓ ସୀମିତ ଅଟନ୍ତି ଏବଂ ଯେଉଁମାନଙ୍କ ପର୍ଯ୍ୟନ୍ତ ଇଞ୍ଜିଲ୍ ପହଞ୍ଚି ପାରି ନାହିଁ ସେମାନେ ସେହି ପ୍ରଭୁଙ୍କ ଠାରୁ ଅବଚେତନ ଅଟନ୍ତି । କିନ୍ତୁ ପବିତ୍ର କୁରଆନ୍ ଯେଉଁ ଈଶ୍ୱରଙ୍କୁ ଉପସ୍ଥାପିତ କରେ । ତହିଁରୁ କୌଣସି ବୁଦ୍ଧିମାନ ଓ ବିବେକୀ ମନୁଷ୍ୟ ଅବଚେତନ ନୁହନ୍ତି । ଏଣୁ ପ୍ରକୃତ ଈଶ୍ୱର ହେଉଛନ୍ତି ସେହି ଈଶ୍ୱର ଯାହାଙ୍କ ସଂପର୍କରେ ପବିତ୍ର କୁରଆନ୍ କରୀମ୍ ଉପସ୍ଥାପିତ କରିଥାଏ । ମନୁଷ୍ୟମାନେ ଯେଉଁଠି ବି ରହିଥାଆନ୍ତୁ ନା କାହିଁକି, କୌଣସି ଧର୍ମାବଲମ୍ବୀ ହୁଅନ୍ତୁ ନା କାହିଁକି, ନାସ୍ତିକବାଦୀ ମଧ୍ୟ ହୁଅନ୍ତୁ ପଛେ ସେମାନେ ଜଗତର ଆକୃତିକୁ ଦେଖି ଏହି ବିଶ୍ୱାସ ରଖନ୍ତି ଯେ, କେହି ତ' ଜଣେ ଈଶ୍ୱର ଓ ସ୍ରଷ୍ଟା ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ନିଜ ନିଜର ବଂଶ, ଜ୍ଞାତି କୁଟୁମ୍ବ, ସାମଦ୍ରାୟିକ ଧର୍ମମତ ଦୃଷ୍ଟିରୁ ଏହି ବିଶ୍ୱାସ ରଖନ୍ତି ଯେ, ନିଃସନ୍ଦେହ ରୂପେ ଏହି ଜଗତର ଜଣେ ନିର୍ମାଣକର୍ତ୍ତା, ସ୍ରଷ୍ଟା, ବିଶ୍ୱ ନିୟନ୍ତା ଅଛନ୍ତି । ସେ ଯାହା ହେଉ ନା କାହିଁକି ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍ କରୀମ୍‌ର ଈଶ୍ୱର ହେଉଛନ୍ତି ସେହି ଈଶ୍ୱର ଯେକି ସ୍ୱୟଂକୁ ଅପୂର୍ବ ଏବଂ ଅଲୌକିକ ନିଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି । ସେ ଖ୍ରୀଷ୍ଟିୟାନ୍‌ମାନଙ୍କର ପ୍ରଭୁ ପରି ନୁହନ୍ତି । ସେହି ପ୍ରକୃତ ପ୍ରକାଶ୍ୟକାରୀ, ଅନ୍ତର୍ଯାମୀ ତଥା ସର୍ବବ୍ୟାପୀ ଈଶ୍ୱରଙ୍କ ସଂପର୍କରେ ପବିତ୍ର କୁରଆନ୍ କରୀମ୍ ଏବଂ ପ୍ରକୃତିର ନିୟମ ମଧ୍ୟ ଜ୍ୱଳନ୍ତ ସାକ୍ଷ୍ୟ ପ୍ରଦାନ କରିଥାଏ । **(ଚଶ୍‌ମା ମସିହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-350ର ବି.ଦ୍ର)**

ଆପଣ ଅ.ସ କୁହନ୍ତି, "ପ୍ରକୃତ ସତ୍ୟ ଧର୍ମ ହେଉଛି ସେହି ଧର୍ମ ଯିଏ ସାଂପ୍ରତିକ କାଳରେ ମଧ୍ୟ ପ୍ରଭୁଙ୍କର ଶ୍ରବଣକାରୀତ୍ୱ ଏବଂ ବାର୍ତ୍ତାଳାପକାରୀ ହେବା ସଂକ୍ରାନ୍ତରେ ସାବ୍ୟସ୍ତ କରେ । ଅତଃ ପ୍ରକୃତ ଧର୍ମରେ ଅଲ୍ଲାଃତାଲା ବାର୍ତ୍ତାଳାପ ମାଧ୍ୟମରେ ନିଜସ୍ୱ ଅସ୍ତିତ୍ୱର ସ୍ୱୟଂ ପ୍ରମାଣ ଦେଇଥାଆନ୍ତି । ଈଶ୍ୱରଙ୍କୁ ଚିହ୍ନିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର । ସାଂସାରିକ ବୈଦ୍ୟ ଓ ଦାର୍ଶନିକ ବ୍ୟକ୍ତିଙ୍କର ଏହି କାର୍ଯ୍ୟ ନୁହେଁ ଯେ, ସେମାନେ ତାହାଙ୍କ ସଂକ୍ରାନ୍ତରେ ସନ୍ଧାନ ଲଗାଇବେ । କାରଣ ଆକାଶ ଓ ପାତାଳକୁ ଦେଖି କେବଳ ଏହା ପ୍ରମାଣିତ ହୁଏ ଯେ, ଏହି ଶକ୍ତିଶାଳୀ ତଥା ସୁବ୍ୟବସ୍ଥିତ ବିଶ୍ୱ ବ୍ରହ୍ମାଣ୍ଡର କେହି ନା କେହି ନିର୍ମାଣକର୍ତ୍ତା ହେବା ଉଚିତ୍। କିନ୍ତୁ ଏହା ପ୍ରମାଣିତ ହୋଇପାରେ ନାହିଁ ଯେ, ସେହି ନିର୍ମାଣକର୍ତ୍ତା ଉପସ୍ଥିତ ଅଛନ୍ତି। **'ହେବା ଉଚିତ୍'** ଓ **'ବିଦ୍ୟମାନ ଅଛନ୍ତି'** ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି ତାହା ପ୍ରକାଶ୍ୟ ଓ ଅତି ସହଜେ ଅନୁମେୟ । ଅତଏବ ସେହି ମହାନ ପରାକ୍ରମୀ ସତ୍ତାଙ୍କ ସଂକ୍ରାନ୍ତରେ କେବଳ ପବିତ୍ର କୁରଆନ୍ ହିଁ ସମ୍ୟକ ସୂଚନା ପ୍ରଦାନ କରିଥାଏ ।"**(ଚଶ୍‌ମା ମସିହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-352)**

ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ ଅନେକ ପ୍ରମାଣ ଉପସ୍ଥିତ ରହିଛି । ଇଞ୍ଜିଲ୍ ଏବଂ ଅନ୍ୟାନ୍ୟ ଧାର୍ମିକ ଗ୍ରନ୍ଥ ଉପରେ ପବିତ୍ର କୁରଆନ୍ କରୀମ୍‌ର ଶ୍ରେଷ୍ଠତ୍ୱକୁ ସାବ୍ୟସ୍ତ କରି ଆପଣ ଅ.ସ କୁହନ୍ତି, "ପବିତ୍ର କୁରଆନ୍ କରୀମ୍ ହେଉଛି ଏକ ପୂର୍ଣ୍ଣାଙ୍ଗ ଏବଂ ଜୀବନ୍ତ ଅପୂର୍ବ ଓ ଅଲୌକିକ ଚମତ୍କୃତ ସମ୍ବଳିତ ବାଣୀ । ବାଣୀଗତ ଚମତ୍କାର ଏଭଳି ଏକ ଚମତ୍କାର ଯେ, କେବେବି ଏବଂ କୌଣସି ଯୁଗରେ ତାହା ପୁରୁଣା ହୋଇ ପାରିବ ନାହିଁ ଓ ନା ହିଁ ନାଶ (ଧ୍ୱଂସ)ର ହସ୍ତ ତା' ଉପରେ ଚାଲି ପାରିବ । ହ. ମୁସା ଅ.ସଙ୍କ ଚମତ୍କାରର ନିଦର୍ଶନ ଯଦି କୌଣସି ବ୍ୟକ୍ତି ଦେଖିବାକୁ ଚାହାନ୍ତି ତେବେ ତାହାଙ୍କ ଚମତ୍କାରର ନିଦର୍ଶନ କେଉଁଠି ଅଛି ? କ'ଣ ଇହୁଦୀମାନଙ୍କ ନିକଟରେ ସେହି ଲାଠି(ଲଉଡ଼ି) ରହିଛି ଏବଂ ତହିଁରେ ସର୍ପ ହେବାର କୌଣସି ଶକ୍ତି ବର୍ତ୍ତମାନ ସୁଦ୍ଧା ବିଦ୍ୟମାନ ରହିଛି କି ଇତ୍ୟାଦି ଇତ୍ୟାଦି ? ଅତଏବ୍ ଯେଭଳି ଭାବରେ ସମଗ୍ର ନବୀମାନଙ୍କ ଠାରୁ ଚମତ୍କାର ସମ୍ପାଦିତ ହୋଇଅଛି ସେମାନଙ୍କ ମୃତ୍ୟୁ ସହିତ ହିଁ ସେହି ଚମତ୍କାରର ଅନ୍ତ ଘଟିଛି । କିନ୍ତୁ ଆମର ପ୍ରିୟ ମୁନିବ ନବୀ ହ. ମୁହମ୍ମଦ ସ.ଅଙ୍କ ଚମତ୍କାର ଏପରି ଅଟେ ଯାହାକି ପ୍ରତ୍ୟେକ ଯୁଗରେ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ତାହା ସତେଜ ଏବଂ ଜୀବନ୍ତ ରୂପେ ଉପସ୍ଥିତ ତଥା ବିଦ୍ୟମାନ ରହିଛି । ସେହି ଚମତ୍କାର ଗୁଡ଼ିକର ଜୀବନ୍ତ ହେବା ଏବଂ ତାହା ଉପରେ ମୃତ୍ୟୁର ହସ୍ତ କ୍ରିୟାଶୀଳ ଓ ପ୍ରସାରିତ ନହେବା ସ୍ପଷ୍ଟ ରୂପେ ଏହି କଥାର ସାକ୍ଷ୍ୟ ପ୍ରଦାନ କରେ କରେ ଯେ,


### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଆଁହଜରତ ସ.ଅ ହିଁ ଜୀବିତ ଅବତାର ଅଟନ୍ତି ଏବଂ ପ୍ରକୃତ ଜୀବନ ତାହା ହିଁ ଯାହାକି ଆପଣ ସ.ଅଙ୍କୁ ପ୍ରଦାନ କରାଯାଇଛି । କିନ୍ତୁ ସେହି ପ୍ରକୃତ ଜୀବନ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଅନ୍ୟ କୌଣସି ଅବତାରକୁ ପ୍ରାପ୍ତ ହୋଇ ନାହିଁ । ଆପଣ ଅ.ସଙ୍କ ଶିକ୍ଷା ଏଇଥି ପାଇଁ ଜୀବନ୍ତ ଶିକ୍ଷା ଅଟେ ଯେ, ସେହି ଶିକ୍ଷାର ଫଳାଫଳ ଏବଂ ତାହାର କଲ୍ୟାଣ ବର୍ତ୍ତମାନ ମଧ୍ୟ ଠିକ୍ ସେହିପରି ଅବ୍ୟାହତ ଏବଂ ଉପସ୍ଥିତ ରହିଛି ଯାହାକି ଆଜକୁ ପ୍ରାୟ ୧୩୦୦ ବର୍ଷ ପୂର୍ବେ ଉପସ୍ଥିତ ଥିଲା । ତେଣୁ ଆମ ସମକ୍ଷରେ ଅନ୍ୟ କୌଣସି ଶିକ୍ଷା ବର୍ତ୍ତମାନ ଏପରି ନୁହେଁ ଯାହା ଆଁହଜରତ ସ.ଅ ଓ ତାହାଙ୍କ ଦ୍ୱାରା ଆନୀତ ପବିତ୍ର କୁରଆନ୍ ଗ୍ରନ୍ଥ ଉପରେ କାର୍ଯ୍ୟାନୁସରଣ କରିଥିବା ବ୍ୟକ୍ତି ଏହି ଦାବି କରିପାରିବ ଯେ, ତାକୁ ପବିତ୍ର କରୁଆନ୍ କରୀମ୍‌ର ସଫଳ, କଲ୍ୟାଣ, ଯଶ ପ୍ରଦାନ କରାଯାଇଛି ଏବଂ ସେ ପ୍ରଭୁଙ୍କର ଏକ ଅନନ୍ୟ ନିଦର୍ଶନ ପାଲଟି ଯାଇଛି । କିନ୍ତୁ ମୁଁ ଅଲ୍ଲାଃତାଲାଙ୍କ କୃପାରୁ ପବିତ୍ର କୁରଆନ୍ କରୀମ୍‌ର ସେହି ଶିକ୍ଷାର ସୁମିଷ୍ଟ ଫଳ ଏବଂ କଲ୍ୟାଣର ଉଦାହରଣ ବର୍ତ୍ତମାନ ମଧ୍ୟ ଉପସ୍ଥିତ ବୋଲି ମନେକରି ଯଶର ନିଦର୍ଶନ ନବୀ କରୀମ୍ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାବହତା ଦ୍ୱାରା ହିଁ ବର୍ତ୍ତମାନ ମଧ୍ୟ ପ୍ରାପ୍ତ ହୋଇଥାଏ ବୋଲି ହୃଦୟଙ୍ଗମ କରୁଛି ।

ଅତଏବ୍ ଅଲ୍ଲାଃତାଲା ଏହି ସଂପ୍ରଦାୟକୁ ଏଥିପାଇଁ ସ୍ଥାପନ କରିଛନ୍ତି ଯେ,ଏହି ସଂପ୍ରଦାୟ ଇସ୍‌ଲାମ୍ ଧର୍ମର ସତ୍ୟତା ଉପରେ ଏକ ଜୀବନ୍ତ ସାକ୍ଷ୍ୟ ସଦୃଶ ହୋଇଯାଉ ଏବଂ ଏହା ପ୍ରମାଣିତ କରି ଦେଖାଇ ଦେଉ ଯେ, ସେହି କଲ୍ୟାଣ, ନିଦର୍ଶନ, ଲକ୍ଷଣ ଏବେ ମଧ୍ୟ ରସଲୁଲ୍ଲାଃ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାବହତା ଦ୍ୱାରା ପ୍ରକାଶିତ ହୋଇଥାଏ ଯାହା ୧୩୦୦ ବର୍ଷ ପୂର୍ବେ ପ୍ରକାଶିତ ହୋଇଥିଲା । ହ. ମସିହ୍ ମଉଦ୍ ଅ.ସ ନିଜର କେତେକ ପୁସ୍ତକରେ ଏହି ନିଦର୍ଶନ ସଂକ୍ରାନ୍ତରେ ପ୍ରକାଶ କରିଛନ୍ତି ଏବଂ ଉଲ୍ଲେଖ ମଧ୍ୟ କରିଛନ୍ତି । ଜମାଅତ୍ ପ୍ରତ୍ୟେକ ଦିନ ଏହି କଥାର ସାକ୍ଷ୍ୟ ପ୍ରଦାନ କିରଥାଏ ଯେ, ଆପଣ ଅ.ସ ଯେଉଁ ଭବିଷ୍ୟତବାଣୀ କରିଥିଲେ ତାହା କିପରି ଅକ୍ଷରେ ଅକ୍ଷରେ ପୂର୍ଣ୍ଣ ହେଉଅଛି ।

ସେ ଯାହା ହେଉ ନା କାହିଁକି ହ. ମସିହ୍ ମଉଦ୍ ଅ.ସ ଆଗକୁ ଉଲ୍ଲେଖ କରନ୍ତି ଯେ, ମୁଁ ପ୍ରତ୍ୟେକ ଜାତି, ପ୍ରତ୍ୟେକ ଧର୍ମାବଲମ୍ବୀମାନଙ୍କୁ, ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଧର୍ମର ଧର୍ମଗୁରୁଙ୍କୁ ଆମନ୍ତ୍ରିତ କଲି ଯେ, ସେମାନେ ମୋ ବିପକ୍ଷରେ ଆସି ନିଜ ସତ୍ୟତାର ନିଦର୍ଶନ ପ୍ରଦର୍ଶନ କରନ୍ତୁ । କିନ୍ତୁ ଜଣେ ମଧ୍ୟ ଏପରି ବ୍ୟକ୍ତି ନାହାନ୍ତି ଯେକି ନିଜ ଧର୍ମର ସତ୍ୟତାର କୌଣସି ଉଦାହରଣ ବ୍ୟବହାରିକ ରୂପେ ପ୍ରଦର୍ଶନ କରିଛନ୍ତି ? ଆମେ ଈଶ୍ୱରଙ୍କ ଦ୍ୱାରା ଅବତୀର୍ଣ୍ଣ ହୋଇଥିବା ଗ୍ରନ୍ଥ ଅର୍ଥାତ ପବିତ୍ର କୁରଆନ୍ କରୀମ୍‌କୁ ପୂର୍ଣ୍ଣ ଚମତ୍କାର ରୂପେ ଗ୍ରହଣ କରିଥାଉ । ଆମମାନଙ୍କର ଏହି ବିଶ୍ୱାସ ଏବଂ ଦାବି ରହିଛି ଯେ, ଅନ୍ୟ କୌଣସି ଧର୍ମ ପୁସ୍ତକ ପବିତ୍ର କୁରଆନ୍ ବିପକ୍ଷରେ ତିଷ୍ଠିପାରିବ ନାହିଁ ।

ମୁଁ ପ୍ରତ୍ୟେକ୍ଷଦର୍ଶୀ ହୋଇ କହୁଛି ଯେ, ପବିତ୍ର କୁରଆନ୍ ଶରୀଫ୍‌ର କୌଣସି ପ୍ରସଙ୍ଗ ଯଦି ଉପସ୍ଥାପିତ କରାଯାଏ ତେବେ ତାହା ନିଜ ସ୍ଥାନରେ ଏକ ଅପୂର୍ବ ଓ ଅଲୌକିକ ନିଦର୍ଶନ ଏବଂ ଚମତ୍କାର ରୂପେ ବିବେଚିତ ହେବ । ଉଦାହରଣ ସ୍ୱରୂପ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାକୁ ହିଁ ଦେଖି ନିଅନ୍ତୁ ! ତାହା ଏକ ମହାନ ଓ ଭବ୍ୟ ଚମତ୍କାର ସଦୃଶ ଦୃଶ୍ୟମାନ ହୁଏ ଏବଂ ପ୍ରକୃତ ପକ୍ଷେ କହିବାକୁ ଗଲେ ତାହା ଏକ ଅଲୌକିକ ଚମତ୍କାର ଅଟେ । ପବିତ୍ର କୁରଆନ୍‌ର ଶିକ୍ଷା ଏହିଭଳି ଗୂଢ ତାତ୍ତ୍ୱିକ ବ୍ୟବସ୍ଥା ଏବଂ ସ୍ୱଭାବ ସୁଲଭ ଅବସ୍ଥାନୁଯାୟୀ ଅବତୀର୍ଣ୍ଣ ହୋଇଛି ଯେ, ଅନ୍ୟ କୌଣସି ଶିକ୍ଷା ତା' ସମ୍ମୁଖମ୍ଭରେ କଦାପି ତିଷ୍ଠି ପାରିବ ନାହିଁ କି ତାହାର ମୁକାବିଲା ମଧ୍ୟ କରିପାରିବ ନାହିଁ । ପବିତ୍ର କୁରଆନ୍ କରୀମ୍‌ର ସମସ୍ତ ଶିକ୍ଷା ପୂର୍ବ ଧର୍ମ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ଶିକ୍ଷାର ସଂପୂର୍ଣ୍ଣ ରୂପେ ସମ୍ୟକ ପରିଚାୟକ ଅଟେ । ବର୍ତ୍ତମାନ ମୁଁ ପବିତ୍ର କୁରଆନ୍ କରୀମ୍‌ର ଏକ ଦିଗ ବା ପକ୍ଷକୁ ଦର୍ଶାଇ ଏହା ପ୍ରମାଣିତ କରି ଦେଉଛି ଯେ, ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ସର୍ବୋଚ୍ଚ ସ୍ତରରେ ଅବସ୍ଥାପିତ ଏବଂ ତାହା ଚମତ୍କାର ଅଟେ । ଉଦାହରଣ ସ୍ୱରୂପ ତୌରାତ୍‌ର ଶିକ୍ଷାକୁ ହିଁ ଧରି ନିଅନ୍ତୁ, ତୌରାତ୍‌ରେ ସାଂପ୍ରତିକ ପରିସ୍ଥିତି ଦୃଷ୍ଟିରୁ କୁହନ୍ତୁ ଅବା ଆବଶ୍ୟକ ସ୍ଥଳେ ସମୟାନୁପଯୋଗୀ ଯେଉଁ ଶିକ୍ଷାର ଉଲ୍ଲେଖ ରହିଛି ତାହାର ସମଗ୍ର ରହସ୍ୟ ପ୍ରତିଶୋଧ ଉପରେ ହିଁ ପର୍ଯ୍ୟବେସିତ ଅଟେ । ଯେପରିକି ତୌରାତ୍‌ରେ ଏହି ଶିକ୍ଷା ପ୍ରଦାନ କରାଯାଇଛି ଯେ, ଆଖି ବଦଳରେ ଆଖି, ଦାନ୍ତ ବଦଳରେ ଦାନ୍ତ । କିନ୍ତୁ ଏହାର ବିପରୀତ ଇଞ୍ଜିଲ୍‌ର ଶିକ୍ଷା ରହିଛି। ଅର୍ଥାତ ଇଞ୍ଜିଲ୍ ଏହା ଉପରେ ଗୁରୁତ୍ୱାରୋପ କରେ ଯେ, କ୍ଷମା ଓ ଦୟା ପ୍ରଦର୍ଶନ କରିବା । ଏପର୍ଯ୍ୟନ୍ତକି ଇଞ୍ଜିଲ୍‌ରେ ଏହା ମଧ୍ୟ ତାଗିଦ୍ କରାଯାଇଛି ଯେ, ଯଦି ତୁମ ଗାଲରେ କୌଣସି ବ୍ୟକ୍ତି ଚାପୁଡ଼ାଟିଏ ମାରେ ତେବେ ତୁମେ ତା'କୁ ଆର ଗାଲ ଦେଖାଇ ଦିଅ, ଯଦି କୌଣସି ବ୍ୟକ୍ତି ତୁମକୁ ଦୁଇ ମାଇଲ୍ ଦୂରତାକୁ ନେଇ ବିନା ପାରିଶ୍ରମିକରେ କାମ କରାଏ ତେବେ ତୁମେ ତା' ପାଇଁ ତା' ସାଥିରେ ଚାରି ମାଇଲ୍ ଯାଇ ବିନା ପାରିଶ୍ରମିକରେ ତା'ର କାର୍ଯ୍ୟ କରିଦିଅ, ସେହିପରି ଯଦି କୌଣସି ବ୍ୟକ୍ତି ତୁମକୁ ଖଣ୍ଡିଏ ବସ୍ତ୍ର ମାଗେ ତେବେ ତୁମେ ତା'କୁ ହଳେ ଜାମାପଟା ଦେଇ ଦିଅ । ଏହିପରି ଭାବରେ ପ୍ରତ୍ୟେକ ଅଧ୍ୟାୟରେ ଇଞ୍ଜିଲ୍ ଏବଂ ତୌରାତ୍‌ର ଶିକ୍ଷା ମଧ୍ୟରେ ଉପରୋକ୍ତ କଥା ଏବଂ ପାର୍ଥକ୍ୟ ଦେଖିବାକୁ ମିଳିଥାଏ। ଅର୍ଥାତ ତୌରାତ୍ ଅତ୍ୟୁକ୍ତି ଓ ଅତିଶୟୋକ୍ତିମୂଳକ ପ୍ରସଙ୍ଗ ଏବଂ ଆଧିକ୍ୟତା ଜନିତ ପକ୍ଷକୁ ସମର୍ଥନ କରୁଥିବା ବେଳେ ଇଞ୍ଜିଲ୍ ନ୍ୟୁନତା ପକ୍ଷ ଅବଲମ୍ବନ କରିବା ପାଇଁ କହିଥାଏ । କିନ୍ତୁ ପବିତ୍ର କୁରଆନ୍ କରୀମ୍ ପ୍ରତ୍ୟେକ ସମୟ ଏବଂ ପ୍ରତ୍ୟେକ ସ୍ଥଳେ ବ୍ରହ୍ମଜ୍ଞାନ ସମ୍ବଳିତ ଗୂଢତତ୍ତ୍ୱ ଏବଂ ମଧ୍ୟବର୍ତ୍ତୀ ଶିକ୍ଷା ପ୍ରଦାନ କିରଛି । ଯେଁଉଠି ବି ଦେଖ ଏବଂ ଯେଉଁ ସଂକ୍ରାନ୍ତରେ ପବିତ୍ର କୁରଆନ କରୀମ୍‌ର ଶିକ୍ଷା ଉପରେ ଦୃଷ୍ଟିପାତ କର ତେବେ ଏହା ଜ୍ଞାତ ଓ ପ୍ରତିତ ହେବ ଯେ, ପବିତ୍ର କୁରଆନ୍ ସ୍ଥାନ, କାଳ ଓ ପାତ୍ର ଅନୁଯାୟୀ ଶିକ୍ଷା ପ୍ରଦାନ କରିଥାଏ । ଯଦି ଆମେ ଏହା ସ୍ୱୀକାର କରିନେଉ ଯେ, ସମସ୍ତ ଧର୍ମଶିକ୍ଷାର ସାରମର୍ମ ସମାନ ତେବେ କେହି ବି ଅସ୍ୱୀକାର କରିପାରିବ ନାହିଁ ଯେ, ତୌରାତ୍ ଏବଂ ଇଞ୍ଜିଲ୍ ମଧ୍ୟରୁ ପ୍ରତ୍ୟେକ ପୁସ୍ତକ ଗୋଟିଏ ଗୋଟିଏ ପକ୍ଷ ଏବଂ ଗୋଟିଏ ଗୋଟିଏ ଦିଗ ଉପରେ ହିଁ ଗୁରୁତ୍ୱାରୋପ କରିଛନ୍ତି । କିନ୍ତୁ ପବିତ୍ର କୁରଆନ୍ କରୀମ୍ ହିଁ କେବଳ ସ୍ୱଭାବ ସୁଲଭ ଏବଂ ସ୍ୱଭାବ ଅନୁଯାୟୀ ହିଁ ସଠିକ୍ ଶିକ୍ଷା ପ୍ରଦାନ କରିଛି । ଆପଣ ଅ.ସ କୁହନ୍ତି ଯେ, ମୋର କହିବାର ତାତ୍ପର୍ଯ୍ୟ ଏହା ନୁହେଁ ଯେ, ତୌରାତ୍‌ର ଶିକ୍ଷା ଆଧିକ୍ୟତା ଉପରେ ପର୍ଯ୍ୟବେସିତ, ତେଣୁ ତାହା ଈଶ୍ୱରଙ୍କ ପକ୍ଷରୁ ନୁହେଁ, ଏପରି କହିବା ଆଦୌ ସଠିକ୍ ଓ ସମୀଚୀନ ନୁହେଁ । ବରଂ ଏପରି କହିବା ମଧ୍ୟ ପ୍ରମାଦ ହେବ ଯେ, ଆମେମାନେ କୁଆଡ଼େ କହୁଛୁ ଏହି ଶିକ୍ଷା ଦ୍ୱୟ ଈଶ୍ୱରଙ୍କ(ର ନୁହନ୍ତି) ନିକଟରୁ ନୁହନ୍ତି । ! ଏପରି କହିବା ସଂପୂର୍ଣ୍ଣ ପ୍ରମାଦ ହେବ । ବରଂ ଏହି ଶିକ୍ଷା ଦ୍ୱୟ ଅର୍ଥାତ୍ ତୌରାତ୍ ଓ ଇଞ୍ଜିଲ୍ ପ୍ରଭୁଙ୍କ ତରଫରୁ ହିଁ ଅଟନ୍ତି । ପ୍ରକୃତ କଥା ଏହିକି ଯେ, ବର୍ତ୍ତମାନ ଆବଶ୍ୟକତା ଦୃଷ୍ଟିରୁ ଲକ୍ଷ୍ୟ କଲେ ଏହି ପ୍ରକାରର ଶିକ୍ଷାର ମୂଲ୍ୟହୀନ ଥିଲା ବା ଏହିପରି ଶିକ୍ଷାର କୌଣସି ଉପଯୋଗୀତା ନାହିଁ । କାରଣ ତୌରାତ୍ ଏବଂ ଇଞ୍ଜିଲ୍ ଧର୍ମ ଗ୍ରନ୍ଥର ଶିକ୍ଷା ନିର୍ଦ୍ଦିଷ୍ଟ ଭୌଗୋଳିକ ନିୟମ ପରି ଥିଲା । ଅର୍ଥାତ ଯେଉଁ ସାମ୍ୟତାମୂଳକ ଶିକ୍ଷା ଥିଲା ତାହାର ଉତ୍ତର ପ୍ରାପ୍ତ ହୋଇଗଲା । ଅର୍ଥାତ୍ ସାଂପ୍ରତିକ ସମୟରେ ଇଞ୍ଜିଲ୍ ଧର୍ମ ଗ୍ରନ୍ଥର ଶିକ୍ଷାର କୌଣସି ପ୍ରାସଙ୍ଗିକତା ଓ ଉପଯୋଗୀତା ନାହିଁ ବରଂ ତାହା ମୂଲ୍ୟହୀନ ଅଟେ । ତାହା ସେହି କାଳ ଏବଂ ସେହି ଯୁଗାନୁସାରୀ ଶିକ୍ଷା ଥିଲା । କିନ୍ତୁ ସେହି ଶିକ୍ଷାକୁ ସାଂପ୍ରତିକ ସମୟରେ ଯଦି ଲାଗୁ କରାଯାଏ ତେବେ ତାହା ଯୁଗାନୁସାରୀ ଏବଂ ଯୁଗାନୁପୋଯୋଗୀ ହୋଇ ପାରିବ ନାହିଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ତୌରାତ୍ ଏବଂ ଇଞ୍ଜିଲ୍‌ର ଶିକ୍ଷା ତଥା ଆଇନ୍ କେବଳ ଯୁଗାନୁସାରୀ ଏବଂ ଯୁଗାନୁପୋଯୋଗୀ ପରି ଥିଲା । ଇଞ୍ଜିଲ୍‌ରେ ଯେଉଁ ଶିକ୍ଷା ରହିଛି ତାହା ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ଏବଂ ନିର୍ଦ୍ଦିଷ୍ଟ ସ୍ଥାନ ପଇଁ ଉପଯୋଗୀ ଓ ଉଦ୍ଦିଷ୍ଟ ଥିଲା । ତେଣୁ ସେହି ଶିକ୍ଷାରେ ଅନ୍ୟ କୌଣସି ପକ୍ଷକୁ ଧ୍ୟାନ ତଥା ଗୁରୁତ୍ୱ ଦିଆଯାଇ ନାହିଁ । କିନ୍ତୁ ପବିତ୍ର କୁରଆନ୍ କରୀମ୍ ଯଦିଓ ସମସ୍ତ ସଂସାରବାସୀଙ୍କ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya
Kerang, Darul Fazal (Odisha)

ଏବଂ ସମସ୍ତ ମାନବ ଜାତି ନିମନ୍ତେ ଅଭିପ୍ରେତ ଥିଲା ତେଣୁ ଏହି ଶିକ୍ଷାକୁ ଏପରି ଏକ ସ୍ଥାନରେ ଅବତୀର୍ଣ୍ଣ କଲେ ଯାହା ମାନବିକ ସ୍ୱଭାବ ସୁଲଭ ଅନୁଯାୟୀ ଉପଯୋଗୀ ଥିଲା ଏବଂ ଏହା ହିଁ ବ୍ରହ୍ମଜ୍ଞାନ ଏବଂ ଗୂଢତତ୍ତ୍ୱ ସମ୍ବଳିତ ଶିକ୍ଷା ଅଟେ। ହିକ୍‌ମତ୍ (ବ୍ରହ୍ମଜ୍ଞାନ) କହିଲେ .ଅର୍ଥାତ୍ **ୱଜଉଶ୍ ଶୈଉ ଫି ମହଲ୍ଲିହି** କୌଣସି ବସ୍ତୁକୁ ତା'ର ସଠିକ୍ ସ୍ଥାନରେ ରଖିବାକୁ ବୁଝାଏ । ଅତଏବ ଏହି ବ୍ରହ୍ମଜ୍ଞାନ ପବିତ୍ର କୁରଆନ୍ କରୀମ୍ ହିଁ ଶିଖାଇଛି ।

ଯେପରି ଉଭୟ ଗ୍ରନ୍ଥ ଦ୍ୱୟରେ ବର୍ଣ୍ଣନା ରହିଛି ଯେ, ତୌରାତ୍ ଅଯଥା କ୍ରୂରତା, କଠୋରତା ପ୍ରଦର୍ଶନ କରିବା ପ୍ରତି ଗୁରୁତ୍ୱାରୋପ କରୁଥିଲା ଏବଂ ପ୍ରତିଶୋଧ ପରାୟଣକୁ ଆହୁରି ପ୍ରଶୟ ଦେଉଥିଲା ଓ ଏହାର ବିପରୀତ ଇଞ୍ଜିଲ୍ ଅଯଥା କ୍ଷମା ପ୍ରଦର୍ଶନ କରିବା ପ୍ରତି ଗୁରୁତ୍ୱାରୋପ କରିଥାଏ । ପବିତ୍ର କୁରଆନ୍ ଶରୀଫ୍ ଏହି ଦୁହିଁଙ୍କୁ ବାଦ୍‌ଦେଇ ବାସ୍ତବିକ ସାମ୍ୟ ଓ ମାନବିକ ସୁଲଭ ଶିକ୍ଷା **"ଯଜାଉ ସଇଅତିନ୍ ସଇଅତୁନ୍ ମିସଲୁହା ଫମନ୍ ଅଫା ୱ ଅସଲହା ଫଅଜିରହୁ ଅଲଲ୍ଲାହି"(ସୁରତୁସ୍ ଶୋଅରା:41)** ଅର୍ଥାତ ଯଦି ଜଣେ ବ୍ୟକ୍ତି କୌଣସି ପାପ ବା ଅପରାଧ କରେ ତେବେ ତାହାର ଶାସ୍ତି କେବଳ ସେତିକି ହିଁ ହେବା ଉଚିତ ଯେତିକି ସେ ପାପ ବା ଅପରାଧ କରିଛି । କିନ୍ତୁ ଯେଉଁ ବ୍ୟକ୍ତି ଦୟା ଓ କ୍ଷମାମୂଳକ ଆଚରଣ ପ୍ରଦର୍ଶନ କରି ତଥା ଦୋଷୀର ସଂସ୍କାରକୁ ଦୃଷ୍ଟିରୁ ରଖି ଦୋଷୀକୁ କ୍ଷମା ପ୍ରଦାନ କରିଦିଏ ତେବେ ତାହାର ପ୍ରତିଫଳ ଅଲ୍ଲାଃତାଲା ଅବଶ୍ୟ ପ୍ରଦାନ କରିବେ । **(ମଲଫୁଜାତ୍, ଗ୍ରନ୍ଥଖଣ୍ଡ -3, ପୃ-37-40, ପ୍ରକାଶନ ବର୍ଷ- 1984 ମସିହା)**

ହୁଜୁର ଅନ୍‌ୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ ଆନୁଯାୟୀ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ତୌରାତ୍ ଏବଂ ଇଞ୍ଜିଲ୍ ବିପକ୍ଷରେ ପୂର୍ଣ୍ଣ ଏବଂ ତର୍କଯୁକ୍ତ ହେବା ସାବ୍ୟସ୍ତ କରିବା ପରେ କହିଲେ, "ଦାମ୍ଭିକତା ଓ ଦୁଃସାହାସିକମୂଳକ ନିଦର୍ଶନ ସହ ଏବଂ ସପ୍ରମାଣେ ସମସ୍ତ ଧର୍ମ ଉପରେ ପବିତ୍ର କୁରଆନ୍ କରୀମ୍‌ର ଶ୍ରେଷ୍ଠତ୍ୱ ସାବ୍ୟସ୍ତ କରିବା ଆପଣ ଅ.ସ ସେହି ସମୟରେ ପ୍ରତିପାଦିତ କରିଥିଲେ ଯେତେବେଳେ ଏହି ଦେଶ (ଅର୍ଥାତ ଭାରତ ବର୍ଷରେ ଇଂରେଜମାନେ ଶାସନ କରୁଥିଲେ । ଖ୍ରୀଷ୍ଟ ଧର୍ମର ପ୍ରାବଲ୍ୟତା ଏବଂ ଶାସନ କ୍ଷମତା ଚରମ ସୀମାରେ ପହଞ୍ଚିଥିଲା । ତଥାପି ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିବା ନିମନ୍ତେ ସେମାନଙ୍କୁ ଖୋଲା ଚ୍ୟାଲେଞ୍ଜ (ଆହ୍ୱାନ) ଦେଇଥିଲେ ଏବଂ ଆପଣ ଅ.ସ ଏଥି ନିମନ୍ତେ ତିଳେ ମାତ୍ର ଭୟଭୀତ ମଧ୍ୟ ହୋଇ ନଥିଲେ । କାରଣ ଆପଣ ଅ.ସ ଈଶ୍ୱରଙ୍କ ଦ୍ୱାରା ଆଗତ ଅବତାର ଥିଲେ ଯାହାଙ୍କୁ ଅଲ୍ଲାଃତାଲା ଏହି ଯୁଗରେ ଆଁହଜରତ ସ.ଅଙ୍କ ଦାସତ୍ୱରେ ପ୍ରେରଣ କରିଥିଲେ । ଏହି ସମସ୍ତ ବିଷୟକୁ ଆମେମାନେ ଆପଣ ଅ.ସଙ୍କ ଶିକ୍ଷା ଓ ଲେଖନୀରେ ମଧ୍ୟ ଅବଲୋକନ କରିଥାଉ । ଏହା ହିଁ ସେହି ଶିକ୍ଷା ଯେଉଁ ଶିକ୍ଷା ଜମାଅତ୍ ଅହେମଦିୟା ଆଗକୁ ସଂପ୍ରସାରିତ କରୁଅଛି । ଜମାଅତ୍ ଅହେମଦିୟା ଉପରେ ଦୋଷାରୋପ ଲଗାଉଥିବା ବ୍ୟକ୍ତିମାନେ ଏହା କୁହନ୍ତି ଯେ, ଅହେମଦିମାନେ କୁଆଡ଼େ ପବିତ୍ର କୁରଆନ୍ କରୀମ୍‌ରେ ପରିବର୍ତ୍ତନ କରି ପବିତ୍ର କୁରଆନ୍ ଓ ନବୀଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛନ୍ତି ।

ପବିତ୍ର କୁରଆନ୍ କରୀମ୍‌ର ଅସ୍ତିତ୍ୱ ଉପରେ ଆହୁରି ଏକ ବଳିଷ୍ଠ ପ୍ରମାଣ ରହିଛି ଏବଂ ତାହା ହେଲା, ପୂର୍ବ ଧର୍ମ ଗ୍ରନ୍ଥ । ଯେପରିକି ହ. ମୁସା ଅ.ସଙ୍କ ତୌରାତରୁ ଇଞ୍ଜିଲ୍ ପର୍ଯ୍ୟନ୍ତ ଏକ ବିଶିଷ୍ଟ ଜାତି ଯଥା ବନି ଇସ୍ରାଇଲ୍‌ଙ୍କୁ ହିଁ ସମ୍ବୋଧିତ କରାଯାଇଥିଲା ଏବଂ ଏହି ବନି ଇସ୍ରାଇଲ୍ ନିମନ୍ତେ ହିଁ ତାହା ଅଭିପ୍ରେତ ଥିଲା। ସ୍ୱଷ୍ଟ ରୂପେ ଏବଂ ସ୍ୱଷ୍ଟ ଶାବ୍ଦିକ ଉକ୍ତି ମାଧ୍ୟମରେ ଇଞ୍ଜିଲ୍ ଏହା କୁହେ ଯେ, ବନି ଇସ୍ରାଇଲ୍ ଜାତିର ମାର୍ଗଦର୍ଶନ ସର୍ବସାଧାରଣ ନିମନ୍ତେ ଉଦ୍ଦିଷ୍ଟ ନୁହେଁ ବରଂ କେବଳ ବନି ଇସ୍ରାଇଲ୍ ଜାତି ପର୍ଯ୍ୟନ୍ତ ହିଁ ତାହା ସୀମିତ ଅଟେ । କିନ୍ତୁ ଏହାର ବିପରୀତ ପବିତ୍ର କୁରଆନ୍ କରୀମ୍‌ର ଏହି ଅଭିମୁଖ୍ୟ ରହିଥିଲା ଯେ, ଏହି ଧର୍ମ ଗ୍ରନ୍ଥ ଓ ତା'ର ମାର୍ଗଦର୍ଶନ ସକଳ ଜଗତର ସଂସ୍କାର ତଥା ଚାରିତ୍ରିକ ସଂଶୋଧନ ନିମନ୍ତେ ଅଭିପ୍ରେତ, ନା କି କେବଳ ବିଶିଷ୍ଟ ଜାତି ପାଇଁ ଏହା ସୀମିତ ଥିଲା । ବରଂ ଖୋଲାଖୋଲି ଭାବରେ ପବିତ୍ର କୁରଆନ୍ ଏହା କୁହେ ଯେ, ଏହି ଧର୍ମ ପୁସ୍ତକଟି ସମଗ୍ର ମାନବଜାତି ନିମନ୍ତେ ଅଭିପ୍ରେତ ଏବଂ ସମସ୍ତ ସଂସାରବାସୀଙ୍କ ନିମନ୍ତେ ଅବତୀର୍ଣ୍ଣ ହୋଇଅଛି ଓ ପ୍ରତ୍ୟେକ ବ୍ୟକ୍ତିର ଚାରିତ୍ରିକ ସଂଶୋଧନ କରିବା ହିଁ ଏହାର ମୂଳ ଲକ୍ଷ୍ୟ ଅଟେ । ଅତଏବ ସମ୍ବୋଧନ ହୋଇଥିବା ବିଶିଷ୍ଟ ଜାତି ବା ସଂପ୍ରଦାୟ ଅନୁଯାୟୀ ତୌରାତ୍‌ର ଶିକ୍ଷା ଏବଂ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ମଧ୍ୟରେ ଏକ ଆକାଶ ପାତାଳ ପାର୍ଥକ୍ୟ ରହିଛି । ଉଦାହରଣ ସ୍ୱରୂପ ତୌରାତ୍ କୁହେ ଯେ, ହତ୍ୟା କର ନାହିଁ ଆଉ ପବିତ୍ର କୁରଆନ୍ ମଧ୍ୟ କୁହେ, ହତ୍ୟା କର ନାହିଁ। ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ ଏହା ଜଣାପଡ଼େ ଯେ, ପବିତ୍ର କୁରଆନ୍ କରୀମ୍‌ରେ ତୌରାତ ଶିକ୍ଷାର ପୁନରାବୃତ୍ତି ଘଟିଛି । କିନ୍ତୁ ତୌରାତ୍‌ର ଆଦେଶ କେବଳ ବନି ଇସ୍ରାଇଲ୍ ଜାତି ପାଇଁ ଏହି ଉଦ୍ଦିଷ୍ଟ ଥିଲା ଏବଂ ବନି ଇସ୍ରାଇଲ୍ ଜାତି ପର୍ଯ୍ୟନ୍ତ ହିଁ ତାହା ସୀମିତ ଥିଲା । ତାହା ଅନ୍ୟଜାତି ନିମନ୍ତେ ଅଭିପ୍ରେତ ନଥିଲା। ଏହି ଆଦେଶଟି କେବଳ ବନି ଇସ୍ରାଇଲ୍ ଜାତିର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ଏହି ଆଦେଶ ଅର୍ଥାତ୍ ହତ୍ୟା କର ନାହିଁ, ତାହା ସମଗ୍ର ମାନବ ଜାତି ନିମନ୍ତେ ଉଦ୍ଦିଷ୍ଟ ଓ ଅଭିପ୍ରେତ ଥିଲା । ପବିତ୍ର କୁରଆନ୍ କରୀମ୍ କେବଳ ହତ୍ୟା କରିବା ପାଇଁ ବାରଣ କରି ନାହିଁ ବରଂ ଏହା ମଧ୍ୟ ଆଦେଶ ଦେଇଛି ଯେ, ଅଯଥା, ଅକାରଣରେ ଓ ଅନ୍ୟାୟ ପରବଶ ହୋଇ କୌଣସି ବ୍ୟକ୍ତିକୁ ହତ୍ୟା କର ନାହିଁ । ସେହିପରି ପବିତ୍ର କୁରଆନ୍ ଶରୀଫ୍‌ର ପ୍ରକୃତ ମର୍ମ ଏହା ଥିଲା ଯେ, ସମଗ୍ର ମାନବ ଜାତିର ଚାରିତ୍ରିକ ସଂଶୋଧନ ଏବଂ ସଂସ୍କାର ଏହାର ମୂଳ ଲକ୍ଷ୍ୟ । କିନ୍ତୁ ଏହାର ବିପରୀତ ତୌରାତ୍‌ର ଶିକ୍ଷା କେବଳ ବନି ଇସ୍ରାଇଲ୍ ଜାତି ପର୍ଯ୍ୟନ୍ତ ହିଁ ସୀମିତ ଅଟେ ।"**(କିତାବୁଲ୍ ବରିୟାହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-13, ପୃ-85**) ଆପଣ ଅ.ସ ପୁନଶ୍ଚ କହିଲେ ପାଦ୍‌ରୀମାନଙ୍କର ଏହି ଦାବିଟି ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଏବଂ ଅସତ୍ୟ ଯେ, ପବିତ୍ର କୁରଆନ୍ କରୀମ୍‌ର ଏକେଶ୍ୱରବାଦ ଏବଂ ଆଦେଶାବଳୀର ଚର୍ଚ୍ଚା କିଛି ନୂଆ କଥା ନୁହେଁ । ବରଂ ଏହି ଆଦେଶାବଳୀଗୁଡ଼ିକ ତୌରାତ୍‌ରେ ମଧ୍ୟ ଉଲ୍ଲେଖ ରହିଛି । ପ୍ରକାଶ୍ୟ ରୂପେ କହିବାକୁ ଗଲେ ଜଣେ ଅବୋଧ ଓ ଅଜ୍ଞାନୀ ବ୍ୟକ୍ତି ତୌରାତ୍‌କୁ ଦେଖି ଦ୍ୱନ୍ଦ୍ୱରେ ପଡ଼ିଯିବ ଯେ, ତୌରାତ୍‌ରେ ଏକେଶ୍ୱରବାଦ ପ୍ରସଙ୍ଗ ରହିଛି ଏବଂ ଉପାସନା ବିଧି ଓ ଭକ୍ତମାନଙ୍କର ଅଧିକାର ସମ୍ପାଦନର ଚର୍ଚ୍ଚା ମଧ୍ୟ ରହିଛି । ତେବେ କୁରଆନ୍ ମାଧ୍ୟମରେ କେଉଁ ନୂତନ ପ୍ରସଙ୍ଗ ଏବଂ ନୂଆ କଥା ବର୍ଣ୍ଣନା କରାଯାଇଛି ? କିନ୍ତୁ ସେହି ବ୍ୟକ୍ତି ହିଁ ଭ୍ରମର ଶିକାର ହେବ ଯିଏ ପବିତ୍ର କୁରଆନ୍ କରୀମ୍‌ରେ କେବେ ବି (ଧ୍ୟାନ ପୂର୍ବକ) ବିଚାର କରି ନାହିଁ । ସ୍ୱଷ୍ଟ ହେଉ ଯେ, ଈଶ୍ୱରତ୍ୱର ଅନେକ ପ୍ରସଙ୍ଗ ଓ ଅନେକ ଦିଗ ଏପରି ରହିଛି ଯାହାର ତୌରାତ୍‌ରେ ଚିହ୍ନ ବର୍ଣ୍ଣ ମଧ୍ୟ ନାହିଁ । ସୁତରାଂ ତୌରାତ୍‌ରେ ଏକେଶ୍ୱରବାଦ ସଂପର୍କରେ କୌଣସି ଶ୍ରେଣୀର ଚର୍ଚ୍ଚା ହୋଇ ନାହିଁ । କିନ୍ତୁ ପବିତ୍ର କୁରଆନ୍ ଆମମାନଙ୍କ ଉପରେ ଏହା ପ୍ରକାଶ କରେ ଯେ, ଏକେଶ୍ୱରବାଦ କେହିଲେ କେବଳ ଏହା ବୁଝାଏ ନାହିଁ ଯେ, ଆମେମାନେ ପ୍ରତିମା ପୂଜା ବା ପିତୁଳା ପୂଜା, ଜୀବୋପାସନା, ବୃକ୍ଷଲତା, ଗ୍ରହ ନକ୍ଷତ୍ରାଦିଙ୍କୁ ଏବଂ ଦାନବ ବା ରକ୍ଷାସ ଆଦିଙ୍କ ପୂଜାରୁ ନିବୃତ୍ତ ରହିବାକୁ ବୁଝାଏ। ବରଂ ଏକେଶ୍ୱରବାଦକୁ ତିନି ଭାଗରେ ବିଭକ୍ତ କରାଯାଇଛି ଯଥା- **ପ୍ରଥମତଃ** ସର୍ବସାଧାରଣଙ୍କ ନିମନ୍ତେ । ଅର୍ଥାତ ଯେଉଁମାନେ ପ୍ରଭୁଙ୍କ କୋପ ଠାରୁ ରକ୍ଷା ପାଇବାକୁ ଅଭିଳାଷୀ ଅଟନ୍ତି । **ଦ୍ୱିତୀୟତଃ** ବିଶିଷ୍ଟ ବ୍ୟକ୍ତି ବର୍ଗଙ୍କ ଯଥା ପୁଣ୍ୟବାନ ବ୍ୟକ୍ତିମାନଙ୍କ ନିମନ୍ତେ । ଅର୍ଥାତ ସେହି ଲୋକମାନଙ୍କ ପାଇଁ ଯେଁଉମାନେ ସାଧାରଣ ଜନତାଙ୍କ ତୁଳନାରେ ସର୍ବାଧିକ ରୂପେ ଭଗବାନଙ୍କ ସାମୀପ୍ୟତା ଏବଂ ସାନ୍ନିଧ୍ୟତା ପ୍ରାପ୍ତ କରିବାର ବିଶିଷ୍ଟ ଗୁଣାବଳୀ ନିଜ ଭିତରେ ସୃଷ୍ଟି କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି । **ତୃତୀୟତଃ** ସେହି ବିଶିଷ୍ଟ ବ୍ୟକ୍ତିଙ୍କ ଠାରୁ ଆହୁରି ଅଧିକ ବିଶିଷ୍ଟ ବ୍ୟକ୍ତି (ସାଧୁ, ସନ୍ଥ, ସୁଫି, ଅଔଲିୟାଉଲ୍ଲାଃ ଆଦି)। ଅର୍ଥାତ ଯେଉଁମାନେ

**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"
(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 21-28 SEPTEMBER 2023 Issue No.-38-39

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ପ୍ରଭୁଙ୍କ ସାନ୍ନିଧ ତଥା ସାମୀପ୍ୟତାର ଶୀର୍ଷ ସ୍ତର ପର୍ଯ୍ୟନ୍ତ ଉପନୀତ ହେବା ପାଇଁ ଇଚ୍ଛୁକ ଅଟନ୍ତି । ଏକେଶ୍ୱରବାଦର ପ୍ରାଥମିକ ସ୍ତର ଏହା ହିଁ ଯେ, ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁର ଉପାସନା ନ କରାଯାଉ ଏବଂ ପ୍ରତ୍ୟେକ ବସ୍ତୁ ଯାହାକି ସୀମିତ ଏବଂ ଜୀବ ତୁଲ୍ୟ ପ୍ରତିତ ହୁଏ ସେ ପଛେ ଧରାପୃଷ୍ଠରେ ହେଉ ଅବା ଆକାଶରେ ହେଉ ତା'ର ଉପାସନାରୁ ବିରତ ରହିବା। ଏକେଶ୍ୱରବାଦର **ଦ୍ୱିତୀୟ** ସୋପାନ ଏହିକି ଯେ, ନିଜର ଏବଂ ଅନ୍ୟମାନଙ୍କର ସମସ୍ତ ବ୍ୟାପାରରେ ପ୍ରଭୁଙ୍କୁ ହିଁ ପ୍ରଭାବଶାଳୀ ବୋଲି ମନେକରାଯାଉ ଏବଂ ବସ୍ତୁ ତଥା ସମ୍ବଳ ଉପରେ ଏତେ ଅଧିକ ପ୍ରାଧାନ୍ୟ ନଦିଆଯାଉ ଯଦ୍ଦ୍ୱାରା କି ସେହି ବସ୍ତୁ ଅବା ମାଧ୍ୟମଗୁଡ଼ିକ ପ୍ରଭୁଙ୍କ ସମକକ୍ଷ ପାଲଟିଯିବେ । ଉଦାହରଣ ସ୍ୱରୂପ ଏହା କହିବା କି ଜୈଦ୍ ଯଦି ନଥାଆନ୍ତା ତାହାହେଲେ ମୋର କ୍ଷତି ଘଟି ଥାଆନ୍ତା ଏବଂ ବକର ଯଦି ନଥାଆନ୍ତା ତେବେ ମୁଁ ବର୍ବାଦ ହୋଇଯାଇ ଥାଆନ୍ତି । ଅର୍ଥାତ ଲୋକମାନଙ୍କ ଉପରେ ନିର୍ଭରଶୀଳ ହେବା ମଧ୍ୟ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବାକୁ ଶିର୍କ କୁହାଯାଏ) ଅଟେ ଏବଂ ଏହା ଏକେଶ୍ୱରବାଦ ବିରୁଦ୍ଧୀୟ ଅଟେ । ଯଦି ଏହି ବାକ୍ୟ ସେହି ଉଦ୍ଦେଶ୍ୟ ରଖି କୁହାଯାଇ ଥାଆନ୍ତା ଯଦ୍ଦ୍ୱାରାକି ବାସ୍ତବିକ ରୂପେ ଜୈଦ୍ ଓ ବକର୍‌କୁ କୌଣସି ବସ୍ତୁ ରୂପେ ବିଚାର କରାଯାଏ ତେବେ ତାହା ମଧ୍ୟ ଶିର୍କ ଅଟେ । ଏକେଶ୍ୱରବାଦର **ତୃତୀୟ** ସୋପାନ ଏହିକି ଯେ, ଅଲ୍ଲାଃତାଲାଙ୍କ ପ୍ରେମରେ ନିଜର ସମସ୍ତ ଆତ୍ମିକ ସ୍ୱାର୍ଥକୁ ମଧ୍ୟ ଜଳାଞ୍ଜଳୀ ଦେଇ ଦେବା ଏବଂ ନିଜର ଅସ୍ତିତ୍ୱକୁ ତାହାଙ୍କ ମହାନତା ଏବଂ ତେଜସ୍ୱୀ ମହିମାରେ ହଜାଇ ଦେବା । ଏହି ଏକଶ୍ୱରବାଦ ତୌରାତ୍‌ରେ କେଉଁଠି ଉଲ୍ଲେଖ ରହିଛି ? ସେହିପରି ତୌରାତ୍‌ରେ ସ୍ୱର୍ଗ ଓ ନର୍କର କୌଣସି ଚର୍ଚ୍ଚା ମିଳେ ନାହିଁ । ସମ୍ଭବତଃ ସ୍ଥାନେ ସ୍ଥାନେ ତତ୍‌ସଂକ୍ରାନ୍ତରେ ଇଙ୍ଗିତ ହୋଇଥିବା। ସେହିପରି ତୌରାତ୍‌ରେ ଅଲ୍ଲାଃତାଲାଙ୍କ ପୂର୍ଣ୍ଣ ବିଶିଷ୍ଟ ଗୁଣାବଳୀ ଓ ମହିମାର କେଉଁଠି ବି ଚର୍ଚ୍ଚା ମିଳେ ନାହିଁ? ଯଦି ତୌରାତ୍‌ରେ ଏପରି କୌଣସି ସୁରାଃ ମିଳି ଥାଆନ୍ତା ଯେପରିକି ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା କୁହନ୍ତି: **"କୁଲ୍ ହୁ ଅଲ୍ଲାଃହୁ ଅହଦ୍ ଅଲ୍ଲାଃହୁସ୍ ସମଦ୍ ଲମ୍ ୟଲିଦ୍ ୱଲମ୍ ୟୁଲଦ୍ ୱଲମ୍ ୟକୁନ୍ ଲହୁ କୁଫୁଅନ୍ ଅହଦ୍" (ଅଲ ଇଖଲାସ୍:-2-5)** ତେବେ ସମ୍ଭବତଃ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ମାନବ ପୂଜାର ପରୀକ୍ଷାର ଧର୍ମ ସଂକଟରୁ ଅଟକି ଯାଇ ଥାଆନ୍ତେ ବା ବର୍ତ୍ତିଯାଇପାରି ଥାଆନ୍ତେ। ଠିକ୍ ସେହିପରି ତୌରାତ୍ ମାନବାଧିକାରର ସ୍ତରକୁ ପୂର୍ଣ୍ଣ ରୂପେ ବର୍ଣ୍ଣନା କରି ନାହିଁ । କିନ୍ତୁ ପବିତ୍ର କୁରଆନ୍ ଏହି ଶିକ୍ଷାକୁ ମଧ୍ୟ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ଉପନୀତ କରାଇଛି । ଉଦାହରଣ ସ୍ୱରୂପ ପବିତ୍ର କୁରଆନ୍ ଏହା କୁହେ ଯେ, **"ଇନ୍ନଲ୍ଲାଃହା ୟାମୁରୁ ବିଲ୍ ଅଦଲି ୱଲ୍ ଇହସାନି ୱଇତାଇଜିଲ୍ କୁର୍ବା" (ଅନ୍ ନହଲ୍: 91)** ଅର୍ଥାତ ଅଲ୍ଲାଃତାଲା ତୁମମାନଙ୍କୁ ଏହି ଆଦେଶ ଦିଅନ୍ତି ଯେ, ତୁମେମାନେ ନ୍ୟାୟବାଦୀ ହୋଇ ନ୍ୟାୟ କର ଏବଂ ଏହାଠୁ ବି ଅଧିକ ତୁମେ ଅନ୍ୟ ଉପରେ ଉପକାର କର ଯେ, ତୁମେ ଲୋକମାନଙ୍କର ଏପରି ଭାବରେ ସେବା ତଥା ଉପକାର କର ଯେପରି କୌଣସି ସଂପର୍କୀୟଙ୍କୁ ଆତ୍ମୀୟ ବୋଲି ମନେକରି ବା ମନୋଭାବ ରଖି ତୁମେ ସେବା କରିଥାଅ । ଅର୍ଥାତ ମାନବଜାତି ପ୍ରତି ତୁମମାନଙ୍କର ଆନ୍ତରୀକତା, ସ୍ୱଭାବଗତ ଆବେଗ ହେଉ କିମ୍ବା ଉପକାର କରିବା ପରେ ପ୍ରତ୍ୟୁପକାରର ଉଦ୍ଦେଶ୍ୟ ରଖି ଉପକାର ଏବଂ ପୁଣ୍ୟ କର ନାହିଁ। ଯେପରିକି ମା ତା'ର ଶିଶୁ ପ୍ରତି ସହାନୁଭୂତି ପ୍ରଦର୍ଶନ କରିଥାଏ (ମା କୌଣସି ଫଳ ପ୍ରାପ୍ତିର ଉଦ୍ଦେଶ୍ୟ ରଖି ପିଲାର ଉପକାର ଏବଂ ପିଲାର ସେବା ଯତ୍ନ କରି ନଥାଏ) ଠିକ୍ ସେହିପରି ତୌରାତ୍‌ରେ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଏବଂ ତାହାଙ୍କ ଏକେଶ୍ୱରବାଦ ଓ ତାହାଙ୍କ ପୂର୍ଣ୍ଣ ବିଶିଷ୍ଟ ଗୁଣାବଳୀକୁ ଯୁକ୍ତିପୂର୍ଣ୍ଣ ପ୍ରମାଣ, ତର୍କ ଦ୍ୱାରା ସାବ୍ୟସ୍ତ କରି ଦେଖାଇ ପାରିଲା ନାହିଁ । କିନ୍ତୁ ପବିତ୍ର କୁରଆନ୍ କରୀମ୍ ସେହି ସମସ୍ତ ଆସ୍ଥା ଏବଂ ବିଶ୍ୱାସ ତଥା ଐଶୀବାଣୀର ଆବଶ୍ୟକତା, ପ୍ରାସଙ୍ଗିକତା, ଉପାଦେୟତା ଏବଂ ଅବତାରତ୍ୱକୁ ଜ୍ୱଳନ୍ତ ପ୍ରମାଣ ଦ୍ୱାରା ସାବ୍ୟସ୍ତ କରିଛି । ପ୍ରତ୍ୟେକ ତାର୍କିକ ଏବଂ ଦାର୍ଶନିକପୂର୍ଣ୍ଣ ଶୈଳୀରେ ସବିଶେଷ ବିବରଣୀ ପ୍ରଦାନ କରି କରି ସତ୍ୟାନ୍ୱେଷୀ ତଥା ସତ୍ୟାଭିଳାଷୀ ବ୍ୟକ୍ତିମାନଙ୍କ ସକାଶେ ଏହି ପବିତ୍ର ଗ୍ରନ୍ଥକୁ ବୁଝିବାକୁ ଅତି ସହଜ ଓ ସରଳ କରିଦେଇଛି । ଅତଏବ ପବିତ୍ର କୁରଆନ୍ କରୀମ୍‌ର ଏହି ପ୍ରାମାଣ୍ୟ ଏହିପରି ଅଟେ ଯେପରିକି ତାହା ଶୃଙ୍ଖଳିତ ଏବଂ ପୂର୍ଣ୍ଣତ୍ୱର ସିଦ୍ଧାନ୍ତ ସହ ପବିତ୍ର କୁରଆନ କରୀମ୍‌ରେ ଅନେକ ସ୍ଥାନରେ ଦେଖିବାକୁ ମିଳିଥାଏ । ସୁତରାଂ କୌଣସି ବ୍ୟକ୍ତିପାଖରେ ଏହି ସାମର୍ଥ୍ୟ ଓ ଶକ୍ତି ନାହିଁ ଯେ, ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ସେ ଏହିଭଳି ଯୁକ୍ତି ଉପସ୍ଥାପିତ କରିପାରିବ ବା ପ୍ରମାଣ ଦେଇ ପାରିବ ଯେଉଁଭଳି ପବିତ୍ର କୁରଆନ୍ କରୀମ ଉପସ୍ଥାପିତ କରିଛି। ସେହିପରି ପବିତ୍ର କୁରଆନ୍ କରୀମ୍‌ରେ ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ଯଦି କୌଣସି ପ୍ରମାଣ ନାହିଁ ତେବେ ସେ ଏକ ନୂତନ ଯୁକ୍ତି ବାଢି ପାରିବ । ଏସବୁ ସତ୍ତ୍ୱେ ପବିତ୍ର କୁରଆନ୍ କରୀମ୍‌ର ଅସ୍ତିତ୍ୱର ପ୍ରାସଙ୍ଗିକତା ତଥା ଉପାଦେୟତା ସଂପର୍କରେ ଏବଂ ବଳିଷ୍ଠ ପ୍ରମାଣ ରହିଛି ଏବଂ ତାହା ଏହିପରି, ଯେପରିକି ପୂର୍ବ ସମସ୍ତ ଧର୍ମାବଲମ୍ବୀମାନଙ୍କ ପୁସ୍ତକ । ଉଦାହରଣ ସ୍ୱରୂପ ହ. ମୁସା ଅ.ସଙ୍କ ପୁସ୍ତକ ଅର୍ଥାତ ତୌରାତ୍ ଠାରୁ ଆରମ୍ଭ କରି ଇଞ୍ଜିଲ୍ ପର୍ଯ୍ୟନ୍ତ ଏକ ବିଶେଷ ଜାତି ଅର୍ଥାତ ବନି ଇସ୍ରାଇଲ୍ ଜାତିକୁ ହିଁ ସମ୍ବୋଧିତ କରିଛି । ଏହି ପୁସ୍ତକ ଦ୍ୱୟ ସ୍ପଷ୍ଟ ରୂପେ ଏହା କୁହନ୍ତି ଯେ, ତାଙ୍କ ପୁସ୍ତକରେ ବର୍ଣ୍ଣିତ ମାର୍ଗଦର୍ଶନ ସମ୍ବଳିତ ପ୍ରସଙ୍ଗ ସର୍ବସାଧାରଣ ଏବଂ ସମଗ୍ର ପୃଥିବୀବାସୀଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା ବରଂ କେବଳ ବନି ଇସ୍ରାଇଲ୍ ଜାତି ପର୍ଯ୍ୟନ୍ତ ହିଁ ତାହା ସୀମିତ ଅଟେ । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ଅଭିପ୍ରାୟ ଏବଂ ମର୍ମ ସକଳ ଜଗତବାସୀଙ୍କ ଚାରିତ୍ରିକ ସଂଶୋଧନ ଓ ସଂସ୍କାର, ସଦାଚାରିତା ଅଟେ। ତେଣୁ ପବିତ୍ର କୁରଆନ୍ କରୀମ୍ କୌଣସି ଜାତି ବିଶେଷକୁ ସମ୍ବୋଧିତ କରି ନାହିଁ ବରଂ ସ୍ପଷ୍ଟ ରୂପେ ଏହା କହେ ଯେ, ଉକ୍ତ ଗ୍ରନ୍ଥରେ ଅବତୀର୍ଣ୍ଣ ହୋଇଥିବା ମାର୍ଗଦର୍ଶନ ସମସ୍ତ ମାନବଜାତି ନିମନ୍ତେ ଅଭିପ୍ରେତ ଏବଂ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ଜାତିର ଚାରିତ୍ରିକ ସଂଶୋଧନ ହିଁ ଏହାର ମୂଳ ଲକ୍ଷ୍ୟ ବା ଅଭିପ୍ରାୟ । ଖୁତ୍‌ବା ଅନ୍ତେ ହୁଜୁର ଅନୱର୍ ଅ.ବ କହିଲେ, ପବିତ୍ର କୁରଆନ୍ କରୀମ୍‌ର କୃପା, ମର୍ଯ୍ୟାଦା ଏବଂ ଶ୍ରେଷ୍ଠତା ସଂପର୍କରେ ଆହୁରି ଅନେକ ପ୍ରାମାଣ୍ୟ ରହିଛି ଯାହାକୁ ମୁଁ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । **ଇନ୍‌ଶାଅଲ୍ଲାଃ** ।

☆ ☆ ☆

## ପୃ -2 ର ଅବଶିଷ୍ଟାଂଶ..........

6 ତାରିଖରୁ 10 ତାରିଖ, 1974 ମସିହାରେ 110ଟି ଦେଶରୁ ଆଗତ ମୁସଲମାନ ଗୋଷ୍ଠୀମାନଙ୍କର ଜନ ପ୍ରତିନିଧିଙ୍କ ସର୍ବ ସମ୍ମତି କ୍ରମେ କାଦିଆନୀୟତ୍ ସଂକ୍ରାନ୍ତରେ ପ୍ରସ୍ତାବ ଅନୁମୋଦନ କରି ଏହି ଘୋଷଣା କରିଥିଲେ ଯେ, ଉକ୍ତ ସଂପ୍ରଦାୟଟି ଇସଲାମ ଧର୍ମରୁ ବହିର୍ଭୂତ, ନିର୍ବାସିତ ଓ ମୁସଲମାନ ବିରୋଧୀ ସଂପ୍ରଦାୟ ଅଟେ । ଅର୍ଥାତ ଜମିଅତ୍ ଉଲମାଏ ହିନ୍ଦ ଜମାଅତ୍ ଅହେମଦିୟାକୁ ଏଇଥି ପାଇଁ ଅବିଶ୍ୱାସକାରୀ ବୋଲି ବିବେଚିତ କରିଛି । ଯଥା;-

☆ ଜମାଅତ୍ ଅହେମଦିୟା ମୁସଲିମା ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦ ଉପରେ ବିଶ୍ୱାସ ରଖୁ ନାହିଁ ଓ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ତଥା ତାହାଙ୍କ ବିଶିଷ୍ଟ ଗୁଣାବଳୀରେ ଏକ ବୋଲି ସ୍ୱୀକାର କରେ ନାହିଁ ।

☆ ଜମାଅତ୍ ଅହେମଦିୟା ମୁସଲିମା ଆଁହଜରତ ସ.ଅଙ୍କୁ ଶେଷ ଅବତାର ବୋଲି ସ୍ୱୀକାର କରୁ ନାହିଁ ।

☆ ଆଁହଜରତ ସ.ଅଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେବାର ପରମ୍ପରା ଓ ଅବତାରତ୍ୱ ଶେଷ ହେବା ଉପରେ ବିଶ୍ୱାସ ରଖେ ନାହିଁ । ସେହିପରି ଜମାଅତ୍ ଅହେମଦିୟା ଆଁହଜରତ ସ.ଅଙ୍କ ଧର୍ମବିଧାନକୁ ଚୂଡ଼ାନ୍ତ ଧର୍ମ ବିଧାନ ରୂପେ ସ୍ୱୀକାର କରୁ ନାହିଁ ।

**(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ...................)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan